**ମଙ୍ଗୁଳି ଆଶ୍ରମର ବାର୍ଷିକ ଉତ୍ସବ**

ବିରିଡି,(ଡି.ଏନ୍.ଏ.): ବିରିଡି ବ୍ଲକ ଅନ୍ତର୍ଗତ ୨୨ମୌଜାସ୍ଥିତ ମଙ୍ଗୁଳି ଆଶ୍ରମର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଶ୍ରମର ସେବିକା ମା' ବିନୋଦିନୀ ଦାସଙ୍କ ତତ୍ତ୍ୱାବଧାନରେ ୪ର୍ଥ ପ୍ରହର ନାମଯଜ୍ଞ କରାଯାଇଥିଲା। ବାବା ପ୍ରେମାଚାର୍ଯ୍ୟ ସନ୍ଧ୍ୟାରେ ମଧୁସୂଦନଙ୍କ ପୂଜାର୍ଚ୍ଚନା କରିଥିଲେ। ପ୍ରାଚୀ ଆଶ୍ରମର ମୁଖ୍ୟ ବାବା ଦାମୋଦର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଧାତ୍ମିକ ସଭାରେ ଓଡିଶା ଜଗନ୍ନାଥ ସଂସ୍କୃତିର କଥା ପ୍ରଚାରକ ଦିବାକର ଦାସ ମହାରାଜ, ବାବା ଚିତ୍ତବିନୋଦନ ଦାସ, ବାବା ପୂର୍ଣ୍ଣାନନ୍ଦ ଦାସ ଯୋଗଦେଇ ଥିଲେ। ସେବିକା ଶକୁନ୍ତଳା ଦାଶ, ସବିତା ଦାସ ଭଜନ ପରିବେଷଣ କରିଥିଲେ। ଗ୍ରାମବାସୀ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### 'ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ମିଳୁ'




କୁଜଙ୍ଗ,୬।୩(ଡି.ଏନ୍.ଏ.): ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ପାଇକ ବିଦ୍ରୋହ ମାଧମରେ ଆରମ୍ଭ ହୋଇଥିଲା। ଏହି ସଂଗ୍ରାମରେ ଓଡିଶାର ବୀରପାଇକମାନେ ପ୍ରଥମେ ଝାସଦେଇ ଦେଶ ମାତୃକାର ସ୍ୱାଧୀନତା ପାଇଁ ଲଢେଇ କରିଥିଲେ। ମାତ୍ର ଏ ପର୍ଯ୍ୟନ୍ତ କେନ୍ଦ୍ର ସରକାର ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ପ୍ରଦାନ କରୁନାହାନ୍ତି। ବିଦ୍ୟାଧର କ୍ଷେଣ୍ଟ ପାଇକ ଆଖଡା କୁଜଙ୍ଗ କରତୁଠା ଏବଂ ଓଡିଶା ବୀର ମହାସଂଘ ପକ୍ଷରୁ ଆୟୋଜିତ ସମାବେଶରେ ବହୁବକ୍ତା ସମ୍ପର୍କରେ ମତବ୍ୟକ୍ତ କରିବା ସହ ଏହି ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଦେବାକୁ ଦାବି କରିଥିଲେ। ଏଥିସହ ଓଡ଼ିଶାରେ ପାଇକ ରେଜିମେଣ୍ଟ ଗଠନ କରିବାକୁ ଦାବି ହୋଇଥିଲା। ରେଜିମେଣ୍ଟ ଗଠନ ହେଲେ ଓଡ଼ିଆ ଯୁବତୀ ଯୁବକମାନଙ୍କୁ ବାହାର ରାଜ୍ୟକୁ ପେଟ ପୋଶିବା ପାଇଁ ଯିବାକୁ ପଡ଼ିବ ନାହିଁ। ଝିଅମାନଙ୍କୁ ମଧ ଏହି ରେଜିମେଣ୍ଟରେ ସୈନିକଭାବେ ନିଆଯାଇ ପାରିବ ବୋଲି କୁହାଯାଇଥିଲା। ସମାବେଶରେ ମୁଖ୍ୟ ଅତିଥିଭାବେ କୁଜଙ୍ଗ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ର ଯୋଗଦେଇ ଏଥିପାଇଁ ଓଡିଶାବାସୀ ଏକତ୍ରିତ ହୋଇ ସ୍ୱର ଉତ୍ତୋଳନ କରିବା ଉଚିତ୍ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ବିଧାୟକ ଡ. ଦିଲୀପ ଶ୍ରୀଚନ୍ଦନ, ଓଡ଼ିଶା ବୀର ମହାସଂଘ ସଭାପତି ଡ. ପ୍ରକାଶ ଶ୍ରୀଚନ୍ଦନ, ପାଇକ ଗୁରୁ ରଞ୍ଜନ କୁମାର ବିଶୋଇ, ଡ. ତମିଲ ପ୍ରଧାନ, ଆଡଭୋକେଟ ପଦ୍ମଲୋଚନ ଦାସ ଓ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଶାସକ ବାସୁଦେବ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଧର କ୍ଷେଣ୍ଟ ପାଇକ ଆଖଡାର ସଭାପତି ଓ ଗୋଲୋଖ ଜୟସିଂ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଡଭୋକେଟ ମଞ୍ଜୁଲତା ରାଉତ ଉତ୍ସବ ପରିଚାଳନା କରିଥିଲେ। ଶୁଭ୍ରାଂଶୁ କୁମାର ନାୟକ ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ।

### କ୍ରିକେଟ ଟୁର୍ନାମେଣ୍ଟ: ମା' ଖରାଖାଇ ଟିମ୍ ଚାମ୍ପିୟନ

ଆଳି,୬।୩(ଡି.ଏନ.ଏ.): ଆଳି ମିଲବଜାରଠାରେ ମା' ଖରାଖାଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ୮ଟି ଟିମ୍ ଭାଗ ନେଇଥିଲେ। ରବିବାର ଫାଇନାଲ ମ୍ୟାଚ ଖରାଖାଇ କ୍ଲବ ଓ ଗୌଡ଼ପାଟଣା କ୍ଲବ ମଧରେ ଅନୁଷ୍ଠିତ ହୋଇଥିଲା। ଗୌଡ଼ପାଟଣା ଟିମ୍ ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୧୧୧ ରନ ସଂଗ୍ରହ କରିଥିଲା। ଜବାବରେ ଖରାଖାଇ ଟିମ୍ ୯ ଓଭରରେ ୬ ଉଇକେଟ ହରାଇ ୧୧୨ ରନ କରି ମ୍ୟାଚ ଜିତି ଥିଲା। ପରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ଦେବଦତ୍ତ ବେହେରା, ପଙ୍କଜ ମହାନ୍ତି, ହରିଶ୍ଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦୀପ ରାୟ ଓ ମ୍ୟାନ ଅଫ ଦି ସିରିଜ ଟ୍ରଫି ମା' ଖରାଖାଇ ଟିମ୍‌ର ନିରଞ୍ଜନ ପଲାଇଙ୍କୁ ଅତିଥି ମାନେ ପ୍ରଦାନ କରିଥିଲେ ପରେ ଗୌଡ଼ପାଟଣା ଟିମ୍‌କୁ ରନର୍ସଅପ ଟ୍ରଫି ଓ ଖରାଖାଇ ଟିମ୍‌କୁ ଚାମ୍ପିୟନ ଟ୍ରଫି ପ୍ରଦାନ କରିଥିଲେ। ଏହି ଟୁର୍ନାମେଣ୍ଟକୁ ବସନ୍ତ ସେନ ପରିଚାଳନା କରିଥିଲେ।

# ବସନ୍ତ ଚୁପ୍‌ଚାପ୍, ବାପିଙ୍କ ଶକ୍ତି ପ୍ରଦର୍ଶନ

**ପାରାଦୀପ ପୌର ନିର୍ବାଚନ**
- ୧୯ କାଉନ୍‌ସିଲର, ୩ ଅଧ୍ୟକ୍ଷ ପ୍ରାର୍ଥିପତ୍ର ଦାଖଲ

ପାରାଦୀପ,୬।୩(ସ୍ୱ.ପ୍ର.)

ଜଗତ୍‌ସିଂହପୁର ଜିଲା ପାରାଦୀପ ପୌର ନିର୍ବାଚନରେ ଚଳିତ ଥର ବିଜେଡି, ଆମ ପାରାଦୀପ ଆମ ପ୍ରଗତି ସ୍ୱାଧୀନ ସଙ୍ଗଠନ (ଏପିଏପି) ଓ ଭାଜପା ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବାକୁ ଯାଉଛି। ବିଜେଡି ଅଧ୍ୟକ୍ଷ ପ୍ରାର୍ଥୀ ବସନ୍ତ ବିଶ୍ୱାଳ ରବିବାର ଚୁପଚାପ୍ ଆସି ନିର୍ବାଚନ ଅଧିକାରୀଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ହେଲେ ଏପିଏପିର ନେତୃତ୍ୱ ନେଉଥିବା କଂଗ୍ରେସ ନେତା ଅରିନ୍ଦମ ସର୍ଖେଲ (ବାପି) ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି। ଏପିଏପି ପକ୍ଷରୁ ସ୍ଥାନୀୟ ହନୁମାନ ମନ୍ଦିରଠାରୁ ଶୋଭାଯାତ୍ରା ବାହାରି ପୌର ପ୍ରଶାସନିକ ଭବନ ପର୍ଯ୍ୟନ୍ତ ଯାଇଥିଲା। ରବିବାର ୨୨ ଜଣ ପ୍ରାର୍ଥୀ ମନୋନୟନ ପତ୍ର ଦାଖଲ କରିଛନ୍ତି। ସେଥିରେ ୧୯ ଜଣ କାଉନ୍‌ସିଲର ପ୍ରାର୍ଥୀ ଥିବାବେଳେ ୩ ଜଣ ଅଧ୍ୟକ୍ଷ ପ୍ରାର୍ଥୀ ରହିଛନ୍ତି। ଅଧ୍ୟକ୍ଷ ପ୍ରାର୍ଥୀ ହେଲେ ବିଜେଡିର ବିଶ୍ୱାଳ, ସ୍ୱାଧୀନ ଭାବେ ଅନୋଜ କୁମାର ରାଉତ ଓ ଏପିଏପିରୁ ଦେବବ୍ରତ ସାହୁ। ଏପିଏପିର ୧୩ ପ୍ରାର୍ଥୀ ହେଲେ ଜୟନ୍ତୀ ମାଦେଳି, ଛବିଳତା ରାଉତ, ସ୍ୱପ୍ନାରାଣୀ ଜେନା, ବନିତା ରାଉତ, ସୁପ୍ରଭା ସ୍ୱାଇଁ, ଲପନ କୁମାର ପରିଡା, ଅୟସକାନ୍ତ ରାୟ, ରୁପାଲି ମୁଣ୍ଡା, ସଂଘମିତ୍ରା ସ୍ୱାଇଁ, ସୌଦାମିନୀ ସାହୁ, ଟି.ରାଜେଶ୍ୱରୀ, ଜଗନ୍ନାଥ ରାଓ କାମ୍ବଲା, ସୁଜିତ୍ ପରିଡ଼ା। ସେହିପରି ୬ଜଣ ସ୍ୱାଧୀନ ପ୍ରାର୍ଥୀ ହେଲେ ପାନ ମଲ୍ଲିକ, ରୋଜାଲିନ ମହାନ୍ତି, ବିଜ୍ଞାନ ନାୟକ, ଭରତ ଚନ୍ଦ୍ର ପଣ୍ଡା, ରାକେଶ କୁମାର ପ୍ରଧାନ ଓ କାମ୍ବଲା ରାମଚନ୍ଦ୍ର।

ଏପିଏପିର ନେତୃତ୍ୱ ନେଉଥିବା ବାପି କହିଛନ୍ତି, ୧୯ଟି ୱାର୍ଡରେ ପ୍ରାର୍ଥୀ ଦେବେ। ରବିବାର ୧୩ ପ୍ରାର୍ଥୀ ପ୍ରାର୍ଥିପତ୍ର ଦାଖଲ କରିଥିବାବେଳେ ଆଉ ୬ ଜଣଙ୍କ ନାମ ଘୋଷଣା କରାଯାଇଛି। ମାତ୍ର ସମୟ ଅଭାବରୁ ସେମାନେ ନାମାଙ୍କନ ପତ୍ର ଦାଖଲ କରିନାହାନ୍ତି। କଂଗ୍ରେସ ଦଳ ଏଥର ମାତ୍ର ଗୋଟିଏ ଆସନରେ ପ୍ରାର୍ଥୀ ଦେବ ବୋଲି ଜଣାପଡିଛି। ବିଜେଡିର ପ୍ରାର୍ଥୀ ତାଲିକା ଶନିବାରଠାରୁ ଘୋଷଣା ହୋଇଥିଲେ ମଧ ଅଧ୍ୟକ୍ଷ ପଦବୀ ବ୍ୟତୀତ କେହି କାଉନସିଲର ପ୍ରାର୍ଥୀ ରବିବାର ନାମାଙ୍କନ ପତ୍ର ଦାଖଲ କରିନାହାନ୍ତି। ଭାଜପା ପକ୍ଷରୁ ଖବର ଲେଖା ହେବା ସୁଦ୍ଧା ପ୍ରାର୍ଥୀ ତାଲିକା ଘୋଷଣା କରାଯାଇ ନ ଥିଲା। ସୋମବାର ନାମାଙ୍କନ ପତ୍ର ଦାଖଲର ଶେଷଦିନ ହୋଇଥିବା ବେଳେ ପ୍ରମୁଖ ରାଜନୈତିକ ଦଳ ପକ୍ଷରୁ ପ୍ରାର୍ଥିପତ୍ର ଦାଖଲ କରାଯିବ ବୋଲି ସୂଚନା ମିଳିଛି।

ପାରାଦୀପ ବିଜେଡି ନଗର ସଭାପତି ତଥା ଅଧ୍ୟକ୍ଷ ପ୍ରାର୍ଥୀ ବିଶ୍ୱାଳ ଚୁପଚାପ୍ ପ୍ରାର୍ଥିପତ୍ର ଦାଖଲ ସମ୍ପର୍କରେ ପଚାରିବାରେ କହିଛନ୍ତି, ଦଳ ପକ୍ଷରୁ ସୋମବାର ସମସ୍ତ କାଉନସିଲର ପ୍ରାର୍ଥୀ ପ୍ରାର୍ଥିପତ୍ର ଦାଖଲ କରିବେ। ସେତେବେଳେ ଆଉ ଏକ ସେଟ ଅଧ୍ୟକ୍ଷ ପଦବୀ ପାଇଁ ଦାଖଲ କରିବି। କୌଣସି ଭୁଲ ହେବାରୁ ବର୍ତ୍ତିବାକୁ ଗୋଟିଏ ସେଟ ପ୍ରାର୍ଥିପତ୍ର ଅଧିକ ଦାଖଲ କରିଛି। ନିର୍ବାଚନ ଯେତିକି ପାଖେଇ ଆସୁଛି ପାରାଦୀପ ପୌର ନିର୍ବାଚନ ସେତିକି ମାତ୍ରାରେ ରୋଚକ ହେବାରେ ଲାଗିଛି।



ବାପି ସର୍ଖେଲଙ୍କ ନେତୃତ୍ୱରେ ସ୍ୱାଧୀନ ପ୍ରାର୍ଥୀମାନେ ଶୋଭାଯାତ୍ରାରେ ନାମାଙ୍କନପତ୍ର ଦାଖଲ କରିବାକୁ ଯାଉଛନ୍ତି।

## ଅଜ୍ଞାତବାସରେ ମାର୍ଶାଘାଇ ବ୍ଲକର ସମିତିସଭ୍ୟ

ମାର୍ଶାଘାଇ, ୬।୩ (ଡି. ଏନ. ଏ.)

ସରିଛି ପଞ୍ଚାୟତ ନିର୍ବାଚନ। ଆନୁଷ୍ଠାନିକ ଭାବେ ଫଳାଫଳ ପ୍ରକାଶ ପାଇବା ପରେ କେନ୍ଦ୍ରାପଡ଼ା କିଏ ପଞ୍ଚାୟତ ଅଧକ୍ଷା ପଦ ହାତେଇବ ସେଥିଲାଗି ରାଜନୈତିକ ମହଲରେ ଅଙ୍କକଷା ଚାଲିଛି। ମାର୍ଶାଘାଇ ବ୍ଲକର ୨୪ଟି ପଞ୍ଚାୟତ ମଧ୍ୟରୁ କେବଳ ଜଳପୋକ ପଞ୍ଚାୟତର ସମିତିସଭ୍ୟ ନିର୍ବାଚନ ଫଳାଫଳ ଉପରେ କମିଶନର ରୋକ୍ ଲଗାଇଛନ୍ତି। ଏଠାରେ ପ୍ରିଜାଇଡିଂ ଅଫିସର ୯୫ଟି ବାଲଟ ପେପରରେ ନିଜର ଦସ୍ତଖତ କରି ନ ଥିବାରୁ ତାହା ଗଣତି ହୋଇ ନାହିଁ। ତେଣୁ ୨୩ ଜଣ ସଭ୍ୟ ବ୍ଲକ ଅଧକ୍ଷା ପାଇଁ ମତଦାନ କରିବେ। ଅଧକ୍ଷା ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ଥିବାରୁ ଯିଏ ୧୨ ସଭ୍ୟଙ୍କ ସମର୍ଥନ ହାତେଇପାରିବେ ସିଏ ପଦବୀ ହାତେଇବେ। ମାର୍ଶାଘାଇ ବ୍ଲକର ୮ଟି ପଞ୍ଚାୟତରେ ଭାଜପା ସମର୍ଥିତ ସମିତିସଭ୍ୟ ବିଜୟୀ ହୋଇଛନ୍ତି। ଅବଶିଷ୍ଟ ୧୫ ପଞ୍ଚାୟତରେ ବିଜେଡି ସମର୍ଥିତ ସମିତିସଭ୍ୟ ପ୍ରାର୍ଥୀ ବିଜୟ ଲାଭ କରିଛନ୍ତି। ସଂଖ୍ୟା ଦୃଷ୍ଟିରୁ ଦେଖିଲେ ବିଜେଡି ହିଁ ଅଧକ୍ଷା ପଦ ହାତେଇବା ନିଶ୍ଚିତ। ମାତ୍ର ଦଳରେ ଏକାଧିକ ଆଶାୟୀ ପ୍ରାର୍ଥୀ ଥିବାରୁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। କାଳେ ଜଣଙ୍କୁ ପ୍ରାର୍ଥୀକଲେ ଅନ୍ୟମାନେ ବିରୋଧୀ ଶିବିରକୁ ପଳାଇବେ ସେଥିପାଇଁ ସେମାନଙ୍କୁ ଅଜ୍ଞାତ ସ୍ଥାନରେ ରଖାଯାଇଛି। ମୋବାଇଲ ଫୋନ ତାଙ୍କଠାରୁ ନିଆଯାଇଛି। ଗାଁରେ ଥିବା ସେମାନଙ୍କ ପରିବାର ସଦସ୍ୟଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ବିଜେଡିର ସଭ୍ୟାସଭ୍ୟମାନେ ଚିଲିକାର ଏକ ପାନ୍ଥନିବାସରେ ରହିଥିବା ଅସମର୍ଥିତ ସୂତ୍ରରୁ ଜଣାପଡିଛି। ସେହିପରି ବିରୋଧୀ ଭାଜପା ପକ୍ଷରୁ ମଧ ଅବଶିଷ୍ଟ ସଭ୍ୟଙ୍କୁ ରଖାଯାଇ ବିଜେଡିର ଅସନ୍ତୁଷ୍ଟ ସଭ୍ୟଙ୍କ ଉପରେ କଡା ନଜର ରଖା ଯାଇଥିବା ବିଶେଷ ସୂତ୍ରରୁ ଜଣାପଡିଛି।

# ଅଧକ୍ଷା ଦୌଡ଼ରେ ସରିତା, ଲକ୍ଷ୍ମୀପ୍ରିୟା, ମୀନାକ୍ଷୀ

କେନ୍ଦ୍ରାପଡା ଅଫିସ, ୬।୩


ଲକ୍ଷ୍ମୀପ୍ରିୟା ବାରିକ


ସରିତା ସାହୁ


ମୀନାକ୍ଷୀ ଦାସ

**କେନ୍ଦ୍ରାପଡ଼ା ପୌର ନିର୍ବାଚନ**
- ୧୦ଟି ନାମାଙ୍କନ ପତ୍ର ଦାଖଲ

ପୌର ନିର୍ବାଚନର ନାମାଙ୍କନ ପତ୍ର ଦାଖଲ ପାଇଁ ହାତରେ ମାତ୍ର ଗୋଟିଏ ଦିନ। ରାଜ୍ୟ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶ ଅନୁଯାୟୀ, ପ୍ରାର୍ଥିପତ୍ର ଦାଖଲ ୭ ତାରିଖରେ ଶେଷ ହେବାକୁଥିବା ବେଳେ ନିର୍ବାଚନ ଆସନ୍ତା ୨୪ ତାରିଖରେ ଅନୁଷ୍ଠିତ ହେବ। ରାଜ୍ୟ ୩ ପ୍ରମୁଖ ଦଳ କେନ୍ଦ୍ରାପଡ଼ା ପୌରାଞ୍ଚଳ ଅଧକ୍ଷା ପଦ ଘୋଷଣା କରିଛନ୍ତି। ହେଲେ ସମସ୍ତ କାଉନସିଲର ପ୍ରାର୍ଥୀଙ୍କ ନାମ ରିପୋର୍ଟ ଲେଖା ପର୍ଯ୍ୟନ୍ତ ଘୋଷଣା ହୋଇନାହିଁ। ବିଜେଡିରୁ ରାଜ୍ୟ ସମ୍ପାଦକ ରଞ୍ଜିତ ସାହୁଙ୍କ ସ୍ତ୍ରୀ ସରଳା ସାହୁ, କଂଗ୍ରେସରୁ ପୂର୍ବତନ କାଉନସିଲର ଲକ୍ଷ୍ମୀପ୍ରିୟା ବାରିକ ଓ ଭାଜପାରୁ ପୂର୍ବତନ ଜିଲା ସଭାପତି ଦୁର୍ଯ୍ୟୋଧନ ସାହୁଙ୍କ ସ୍ତ୍ରୀ ମୀନାକ୍ଷୀ ଦାସ ଙ୍କୁ ଅଧକ୍ଷା ପଦରେ ପ୍ରତିଦ୍ୱନ୍ଦ୍ୱିତା ପାଇଁ ଟିକେଟ ମିଳିଛି।

ଅଦ୍ୟାବଧି କେନ୍ଦ୍ରାପଡ଼ା ପୌରାଞ୍ଚଳ ପାଇଁ ୧୧ଟି ନାମାଙ୍କନ ପତ୍ର ଦାଖଲ ହୋଇଛି। ଶନିବାର ୧୦ ନଂ. ୱାର୍ଡ ପାଇଁ ସରଳା ସାହୁ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ରବିବାର ଅବଶିଷ୍ଟ ୧୦ କାଉନସିଲର ପଦ ପାଇଁ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ୧ ନଂ. ୱାର୍ଡ ପାଇଁ ଆଇନଜୀବୀ ପଦ୍ମିନୀ ବେହେରା, ୩ ନଂ. ତୁଳସୀ ହେମ୍ବ୍ରମ, ୪ ନଂ. ସସ୍ମିତା ପଣ୍ଡା, ୫ ନଂ. ବୈଷ୍ଣବ ପଣ୍ଡା, ୭ ନଂ. ଜୟନ୍ତୀ ପାଣି, ସୁଚିସ୍ମିତା ବସନ୍ତିଆ, ୧୩ ନଂ. ମୀର ଅବଦୁଲ ସାମିମ, ଅପୂର୍ବ ରଞ୍ଜନ ସେଠୀ, ୧୬ ନଂ. ଫର୍ଜନା ଖାତୁନ ଓ ୨୦ ନଂ. ୱାର୍ଡ କାଉନସିଲର ପଦ ପାଇଁ ଶରତ ଚନ୍ଦ୍ର ବେହୁରା ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଏଥିସହିତ ଜିଲା ଭାଜପା ପକ୍ଷରୁ ପୌରାଞ୍ଚଳର ୧୧ ୱାର୍ଡ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇଛି। ୧ନଂ. ୱାର୍ଡରେ ସସ୍ମିତାରାଣୀ ବେହେରା, ୨ ନଂ. ଶୁଭେନ୍ଦୁ ପତ୍ରୀ, ୫ ନଂ. ଅନ୍ନଦା ପ୍ରସାଦ ମହାନ୍ତି, ୭ ନଂ.ରେ ସୁଚିସ୍ମିତା ବସନ୍ତିଆ, ୮ ନଂ. ସସ୍ମିତା ସାହୁ, ୧୩ ନଂ. ବିବେକ ଚନ୍ଦ୍ର ନାୟକ, ୧୪ ନଂ. ସିମରନ, ୧୬ ନଂ. କମର ଫାତମା, ୧୮ ନଂ. ନାରାୟଣ ପ୍ରସାଦ ସିଂହ, ୨୦ ନଂ. ଅସୀମା ନାୟକ ଓ ୨୧ ନଂ. ୱାର୍ଡରେ ଅଶୋକ କୁମାର ମଲ୍ଲିକ ପ୍ରାର୍ଥୀ ହେବେ। ଅଧକ୍ଷା ଦୌଡରେ ଥିବା ୩ ଜଣ ପ୍ରାର୍ଥୀ କହିଛନ୍ତି, ରାଜ୍ୟର ସର୍ବପୁରାତନ କେନ୍ଦ୍ରାପଡ଼ା ପୌରାଞ୍ଚଳ ବିକାଶକୁ ସେମାନେ ପ୍ରାଥମିକତା ଦେବେ।

# ୪୦କି.ମି. ଚାଲି ଏକ ସେଲଟର ହୋମରେ ରହିଥିଲୁ

**ୟୁକ୍ରେନ୍‌ରୁ ଫେରିଲେ ଆଳିର ଆଉ ଜଣେ ଡାକ୍ତରୀ ଛାତ୍ର**

ଆଳି,୬।୩(ଡି.ଏନ.ଏ.)

ଯୁଦ୍ଧକ୍ଷେତ୍ର ୟୁକ୍ରେନ୍‌ରେ ଫସି ରହିଥିବା ଛାତ୍ରୀଛାତ୍ର ଓ ନାଗରିକଙ୍କୁ ଭାରତ ସରକାର ଦେଶକୁ ଫେରାଇ ଆଣିବାରେ ଲାଗିଛନ୍ତି। ପୂର୍ବରୁ କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ତେଲିପାଟଣା ଗାଁର ଡାକ୍ତରୀ ଛାତ୍ର ବିକାଶ ବେହେରା ବୁଧବାର ଫେରିଥିଲେ। ଶନିବାର ବ୍ଲକର ମାଳପାଟଣା ଗାଁର ଉମାକାନ୍ତ ଲେଙ୍କାଙ୍କ ପୁଅ ଶୁଭକାନ୍ତ ଗାଁରେ ପହଞ୍ଚିଛନ୍ତି। ଶୁଭକାନ୍ତ କୁହନ୍ତି, ସେ ଟେର୍ନପଲ୍ଲୀ ନ୍ୟାଶନାଲ ମେଡିକାଲ ୟୁନିଭର୍ସିଟିର ପ୍ରଥମ ବର୍ଷ ଏମ୍‌ବିବିଏସ୍ ଛାତ୍ର। ଡିସେମ୍ବରରେ ସେଠାକୁ ଯାଇଥିଲେ। ଫେବୃୟାରୀ ୨୪ ରାତିରେ ହଷ୍ଟେଲରେ ସାଙ୍ଗମାନେ ବସିଥିବା ସମୟରେ ରୁଷିଆ ଆକ୍ରମଣ ଖବର ଜାଣିବାକୁ ପାଇଥିଲେ। ପରେ ହଷ୍ଟେଲ ତଳେ ଥିବା ବଙ୍କର ଭିତରକୁ ସେମାନଙ୍କ ସମସ୍ତ ଜରୁରୀ କାଗଜପତ୍ର ସମେତ ଖାଦ୍ୟ ଓ ପାଣି ବୋତଲ ନେଇ ପଶି ଯାଇଥିଲେ। ବଙ୍କର ଭିତରୁ ଯେ ପର୍ଯ୍ୟନ୍ତ ବାହାରକୁ ଆସିବାକୁ ନିର୍ଦ୍ଦେଶ ମିଳି ନ ଥିଲା ସେ ପର୍ଯ୍ୟନ୍ତ ସେମାନେ ଭିତରେ ରହିଥିଲେ। ଏହାପରେ ବସ୍‌ରେ ପୋଲାଣ୍ଡ ବର୍ଡରରେ ପହଞ୍ଚିବା ପରେ ପ୍ରାୟ ୪୦ କିମି ଚାଲିବା ପରେ ଏକ ସେଲ୍‌ଟର ହୋମ୍‌ରେ ରହିଥିଲେ। ୨ ଦିନ ପୂରା ଚାଲିବାକୁ ପଡିଥିଲା। ଇଣ୍ଟରନେଟ ସମସ୍ୟା ଯୋଗୁ ପରିବାର ସହ ଠିକ୍ ଭାବେ ଯୋଗାଯୋଗ ହୋଇ ପାରୁ ନ ଥିଲା। ଫଳରେ ପରିବାର ଲୋକେ ଭୟଭୀତ ଅବସ୍ଥାରେ ଥିଲେ। ଭାରତ ସରକାରଙ୍କ ପକ୍ଷରୁ ହୋଇଥିବା ବିମାନରେ ସେ ଓଡ଼ିଶାରେ ପହଞ୍ଚି ଥିଲେ। ଘରେ ପହଞ୍ଚିବା ପରେ ପରିବାର ଲୋକଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଶୁଭକାନ୍ତଙ୍କ ମା' ରଶ୍ମିରେଖା କୁହନ୍ତି, ଯୁଦ୍ଧ ଖବର ଶୁଣିବା ପରେ ପରିବାରରେ କାନ୍ଦବୋବାଳି ପଡିଯାଇଥିଲା। ଇଣ୍ଟରନେଟ ସମସ୍ୟା ଯୋଗୁ ଯୋଗାଯୋଗ ଠିକ୍ ଭାବେ ହୋଇ ପାରି ନ ଥିଲା। ଯାହାକି ସେମାନଙ୍କୁ ବ୍ୟତିବ୍ୟସ୍ତ କରି ପକାଉଥିଲା। ଏବେ ପୁଅ ଘରେ ପହଞ୍ଚିବା ପରେ କଷ୍ଟ ଲାଘବ ହୋଇଛି।



ପରିବାର ସଦସ୍ୟଙ୍କ ସହ ୟୁକ୍ରେନ୍ ଫେରନ୍ତା ଶୁଭକାନ୍ତ।

## ବିଜେଡିରେ ଯୋଗଦେଲେ ବାଘମାରୀ ସମିତିସଭ୍ୟ

ରାଜନଗର,୬।୩(ଡି.ଏନ.ଏ.)

ରାଜନଗର ବ୍ଲକ ବାଘମାରୀ ପଞ୍ଚାୟତର ସମିତିସଭ୍ୟ ମନୋରଞ୍ଜନ ମଣ୍ଡଳ ପଞ୍ଚାୟତ ନିର୍ବାଚନରେ ସ୍ୱାଧୀନ ଭାବେ ଲଢି ସମିତିସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ପଞ୍ଚାୟତର ବିଜେଡି ସମିତିସଭ୍ୟ ପ୍ରାର୍ଥୀ କବିତାରାଣି ମାଇତି ୯୫୦ ଭୋଟରେ ପରାଜିତ ହୋଇଥିଲେ। ମନୋରଞ୍ଜନ ବିଜେଡିର ସଦସ୍ୟ ଥିଲେ। ଚଳିତ ନିର୍ବାଚନରେ ସେ ଟିକେଟ ନ ପାଇ ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ମାତ୍ର ପଞ୍ଚାୟତବାସୀ ବିଜେଡି ସମର୍ଥିତ ସରପଞ୍ଚ ଭବାନୀ ପାତ୍ର ଓ ସମିତିସଭ୍ୟ ଭାବେ ସ୍ୱାଧୀନ ପ୍ରାର୍ଥୀ ମନୋରଞ୍ଜନଙ୍କୁ ନିର୍ବାଚିତ କରିଥିଲେ। ମନୋରଞ୍ଜନ ନିର୍ବାଚିତ ହେବା ପରେ ରବିବାର ରାଜନଗର ବ୍ଲକ ବିଜେଡି କାର୍ଯ୍ୟାଳୟରେ ପହଞ୍ଚି ବିଧାୟକ ଧ୍ରୁବ ସାହୁଙ୍କ ଉପସ୍ଥିତିରେ ଦଳରେ ଯୋଗ ଦେଇଛନ୍ତି। ଦଳରେ ଯୋଗଦେବା ସହ ସେ ବିଜେଡିର ନୀତି ଆଦର୍ଶରେ କାମ କରିବେ ବୋଲି କହିଛନ୍ତି। ବିଧାୟକ ସାହୁ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ କରିଥିଲେ। ଏହି ମିଶ୍ରଣ କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ତଥା ୩୧ ନଂ. ଜୋନ ଜିଲାପରିଷଦ ସଭ୍ୟ ଅଶୋକ କୁମାର ପ୍ରତିହାରୀ, ମୁକ୍ତି କୁମାର ପାତ୍ର, ଗଣେଶ ଚନ୍ଦ୍ର ଗୁଡିଆ, ଅମଳ କୁମାର ପ୍ରଧାନ, ଲକ୍ଷ୍ମୀଧର ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ପଞ୍ଚାୟତ ନିର୍ବାଚନରେ ରାଜନଗର ବ୍ଲକର ୨୯ ପଞ୍ଚାୟତ ମଧ୍ୟରୁ ବିଜେଡି ସମର୍ଥିତ ୧୯ଜଣ ସମିତିସଭ୍ୟ ନିର୍ବାଚିତ ହୋଇଥିଲେ। ମନୋରଞ୍ଜନ ବିଜେଡିରେ ଯୋଗ ଦେବା ପରେ ଏହି ସଂଖ୍ୟା ୨୦ରେ ପହଞ୍ଚିଛି।

# ଧାନ ବିକ୍ରି କରି ନ ପାରି ଚିନ୍ତାରେ ଚାଷୀ

**ବିଳମ୍ବରେ ମଣ୍ଡି ଖୋଲିଲା: ଟୋକନ୍ ଅବଧି ସରିଲା**

ନାଉଗାଁ, ୬।୩(ସ୍ୱ.ପ୍ର.)

ନାଉଗାଁ ବ୍ଲକରେ ଚାଷୀ ଅମଳ ଧାନ ବିକ୍ରି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଧାନ ବିକ୍ରି ପାଇଁ ବହୁ ଚାଷୀ ନାମ ପଞ୍ଜୀକରଣ କରିଥିବା ସତ୍ତ୍ୱେ ଟୋକନ ଅବଧି ଶେଷ ହୋଇଯାଇଥିବାରୁ ସେମାନଙ୍କ ଚିନ୍ତା ବଢ଼ିଯାଇଛି।

ବିକ୍ରି ଆଶାରେ ମଣ୍ଡିରେ ଧାନ ରଖି ସେମାନେ ଜଗି ରହିଛନ୍ତି। ବିଳମ୍ବରେ ମଣ୍ଡି ଖୋଲିବା ଯୋଗୁ ଏପରି ସମସ୍ୟା ସୃଷ୍ଟି ହୋଇଥିବା ନେଇ ସରୋଜ କୁମାର ଦାସ, ବେଣୁଧର ବିଶ୍ୱାଳ, ନିରଞ୍ଜନ ସାହୁ, ସାଗର ନାୟକ, ରବୀନ୍ଦ୍ର କୁମାର ରାଉତରାୟ, ବିନଶ ପାଳ ପ୍ରମୁଖ ଅଭିଯୋଗ କରିଛନ୍ତି। ଅଭଯୋଗ ଅନୁଯାୟୀ, ମଣ୍ଡି ଖୋଲିବା ପାଇଁ ଡିସେମ୍ବରରୁ ପଞ୍ଜୀକରଣ ଆରମ୍ଭ ହୋଇଥିଲା। ଜାନୁୟାରୀ ପ୍ରଥମ ସପ୍ତାହରୁ ମଣ୍ଡି ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ଶେଷ ସପ୍ତାହରେ ମଣ୍ଡି ଖୋଲିଯାଇ ଜାନୁୟାରୀ ୨୯ ପର୍ଯ୍ୟନ୍ତ ନାମ ପଞ୍ଜୀକରଣ କରି ଟୋକନ ପାଇଥିବା ଚାଷୀଙ୍କ ଧାନ ସଂଗ୍ରହ କରାଯାଇଥିଲା। ମାତ୍ର ଏହାପରଠାରୁ ଫେବୃୟାରୀ ୪ ପର୍ଯ୍ୟନ୍ତ ଯେଉଁ ଚାଷୀଙ୍କ ନାମ ଥିଲା ସେମାନଙ୍କଠାରୁ ଧାନ କିଣାଯାଇ ନାହିଁ। ଫଳରେ ସେମାନଙ୍କ ଟୋକନ ଅବଧି ଶେଷ ହୋଇଯାଇଛି। ସରକାରଙ୍କ ଚାଷୀ ପଞ୍ଜୀକରଣ ପୋର୍ଟାଲର ତଥ୍ୟ ଅନୁସାରେ ଏହି ବ୍ଲକର ତିରୁଣା, ଶଖର, ଗଜରାଜପୁର, ନାଉଗାଁ, ଅଲଣା, ଡେରିକି ସମବାୟ ସମିତିରେ ୪,୨୧୭ ଜଣ ଚାଷୀ ଧାନ ବିକ୍ରି ପାଇଁ ନାମ ପଞ୍ଜୀକୃତ କରିଥିଲେ। ସେଥିମଧ୍ୟରୁ ଜାନୁୟାରୀ ୨୯ ପର୍ଯ୍ୟନ୍ତ ୧୫୧୮ ଜଣ ଚାଷୀଙ୍କଠାରୁ ୫୫ ହଜାର ୮୯୪.୬୭ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଛି। ତେବେ ତିରୁଣା, ଡେରିକି, ଶିଖର, ନାଉଗାଁରୁ ୬୨୧ରୁ ଊର୍ଦ୍ଧ୍ୱ ଚାଷୀଙ୍କ ଟୋକନ ଅବଧି ଶେଷ ହୋଇଯାଇଛି। ଏହି ଘଟଣାକୁ ନେଇ ଦିନକୁ ଦିନ ଚାଷୀ ଅସନ୍ତୋଷ ବଢ଼ିବାରେ ଲାଗିଛି। ତୁରନ୍ତ ସମସ୍ୟାର ସମାଧାନ ନ ହେଲେ ଚାଷୀମାନେ ଜିଲାପାଳଙ୍କୁ ଭେଟିବେ ବୋଲି କହିଛନ୍ତି। ମୋବାଇଲ ବନ୍ଦ ଯୋଗୁ ଜିଲା ଯୋଗାଣ ବିଭାଗ ଅଧିକାରୀଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ନ ଥିଲା।

## ଭୁବନେଶ୍ୱର କ୍ରାଉନ୍ ବିଜୟୀ

ପାରାଦୀପ, ୬।୩(ସ୍ୱ.ପ୍ର.)

ପାରାଦୀପ ମଧୁବନସ୍ଥିତ ଏନ୍‌ଏସି ପଡ଼ିଆରେ ରବିବାର ଛବିନ୍ଦ୍ର କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଯାଇଛି। ପ୍ରଥମ ମ୍ୟାଚ ଭୁବନେଶ୍ୱର କ୍ରାଉନ୍ ଓ ବିଶ୍ୱଭାରତୀ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କ୍ରାଉନ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ୍ ହରାଇ ୧୧୩ ରନ ସଂଗ୍ରହ କରିଥିଲା। ଜବାବରେ ବିଶ୍ୱଭାରତୀ ମାତ୍ର ୫୪ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ୫୯ ରନ କରିଥିବା ଆଶିଷ ବେହେରା ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଥିଲେ।

# ପଟ୍ଟାମୁଣ୍ଡାଇ ପୌର ବିଜେଡି ଅଧ୍ୟକ୍ଷ ପ୍ରାର୍ଥୀ ହେଲେ ହେମନ୍ତ

**ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ, ଟାୟାର ଜାଳି ପ୍ରତିବାଦ**

ପଟ୍ଟାମୁଣ୍ଡାଇ ୬।୩(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ପୌର ପରିଷଦର ଅଧ୍ୟକ୍ଷ ପ୍ରାର୍ଥୀ ଭାବେ ପୂର୍ବତନ ପୌର ଅଧ୍ୟକ୍ଷ ତଥା ଜିଲା ବିଜେଡି ସାଧାରଣ ସମ୍ପାଦକ ହେମନ୍ତ କୁମାର ସାହୁଙ୍କ ନାମ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ମୋହର ମାରିଛନ୍ତି। ଏହାପରେ ଏବେ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଟାୟାର ଜାଳି ଆଶାୟୀମାନେ ପ୍ରତିବାଦ କରିଛନ୍ତି।

ନିର୍ବାଚନରେ ବିଜେଡି ପୌରପାଳିକା ହାତେଇବା ନେଇ ସମସ୍ତ ପ୍ରକାର ରଣନୀତି ପ୍ରସ୍ତୁତ କରି ହେମନ୍ତଙ୍କ ନାମ ପ୍ରକାଶ କରିଛି। ଦଳ କିପରି ତୃଣମୂଳ ସ୍ତରରେ ପହଞ୍ଚି ସାଧାରଣ ଲୋକଙ୍କ ପାଖରେ ଲୋକାଦୃତ ହୋଇପାରିବ ସେନେଇ ବ୍ଲୁ ପ୍ରିଣ୍ଟ ମଧ ପ୍ରସ୍ତୁତ କରିଛି। ମାତ୍ର ଅଧ୍ୟକ୍ଷ ପ୍ରାର୍ଥୀ ଭାବେ ହେମନ୍ତଙ୍କୁ ବିରୋଧ କରି ପୂର୍ବତନ ପୌର ପରିଷଦ ଅଧକ୍ଷାଙ୍କ ପ୍ରତିନିଧି ଖଗେଶ୍ୱର ଲେଙ୍କାଙ୍କ ସମର୍ଥିତ ୨୦ରୁ ଊର୍ଦ୍ଧ୍ୱ ମହିଳା ଏକତ୍ରିତ ହୋଇ ପଟ୍ଟାମୁଣ୍ଡାଇ ମେଡିକାଲ ଛକରେ ଟାୟାର ଜାଳି କୁଶପୁତ୍ତଳିକା ଦାହ କରି ପ୍ରତିବାଦ ଜଣାଇ ଥିଲେ। ବିଗତ ଦିନରେ ପୌରାଧକ୍ଷା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରିଥିଲେ ସୁଦ୍ଧା ଚଳିତ ନିର୍ବାଚନରେ ଟିକେଟ ବଣ୍ଟାରେ ଅନିୟମିତତା ହୋଇଛି ବୋଲି ମହିଳାମାନେ କହିଥିଲେ। ପ୍ରକାଶ ଥାଉକି , ହେମନ୍ତ ଦୀର୍ଘଦିନ ଧରି ଦଳୀୟ ସାଙ୍ଗଠନିକ କାର୍ଯ୍ୟରେ ନିୟୋଜିତ ହୋଇ ୨୦୦୦ରେ ବିଧାନସଭା ନିର୍ବାଚନରେ ବିଜେଡି ବିଧାୟକ ପ୍ରାର୍ଥୀଙ୍କ ନିର୍ବାଚନ ପରିଚାଳନା କାର୍ଯ୍ୟରେ ବିଶେଷ ଭୂମିକା ଗ୍ରହଣ କରିଥିଲେ। ଯୁବ ସଙ୍ଗଠକ ଭାବେ ୨୦୦୮ରେ ହେମନ୍ତ ବିଜେଡିର ପୌରାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇ କାର୍ଯ୍ୟଭାର ଗ୍ରହଣ କରିଥିଲେ। ପଟ୍ଟାମୁଣ୍ଡାଇ ପୌର ଅଧ୍ୟକ୍ଷ ଭାବେ ସେ ପୌରାଞ୍ଚଳର ବିକାଶ ପାଇଁ ଅନେକ ପଦକ୍ଷେପ ନେଇଥିଲେ। ବିଜେଡି ପୌରାଧ୍ୟକ୍ଷ ପ୍ରାର୍ଥୀ ଭାବେ ହେମନ୍ତଙ୍କ ନାମ ଘୋଷଣା ପରେ ବିଭିନ୍ନ ମହଲରୁ ତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ପଟ୍ଟାମୁଣ୍ଡାଇ ପୌରପରିଷଦ ଅଧ୍ୟକ୍ଷ ପଦ ପାଇଁ ବିଜେଡି ପ୍ରାର୍ଥୀ ଘୋଷିତ ହେବା ପରେ ପୂର୍ବତନ ପୌର ଅଧ୍ୟକ୍ଷ ହେମନ୍ତ ତାଙ୍କ ପ୍ରତିକ୍ରିୟାରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ, ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ରାଜନଗର ବିଧାୟକ ଧ୍ରୁବ ସାହୁ, ଆଳି ବିଧାୟକ ପ୍ରତାପ କେଶରୀ ଦେବ ପ୍ରମୁଖଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।


ହେମନ୍ତ ସାହୁ।

# ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆକ୍ରମଣ

**ବବକରପୁର ଗୁଳିମାଡ଼ ଘଟଣା**
- ଏସ୍‌ପି, ଅତିରିକ୍ତ ଏସ୍‌ପିଙ୍କ ତଦନ୍ତ
- ଆଉ ଏକ ରିଭଲଭର, ମୋବାଇଲ ଜବତ

କେନ୍ଦ୍ରାପଡ଼ା ଅଫିସ/ ମହାକାଳପଡ଼ା, ୬।୩ (ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଥାନା ଅଳାଇଲୋ ପଞ୍ଚାୟତ ବବକରପୁରରେ ଶନିବାର ଘଟିଥିବା ଗୁଳିକାଣ୍ଡରେ ଅରବିନ୍ଦ ମିଶ୍ର(୬୨)ଙ୍କର ମୃତ୍ୟୁ ଘଟିଥିଲା। ଏଥିରେ ଅରବିନ୍ଦଙ୍କ ସ୍ତ୍ରୀ ମିନତୀ(୫୫) ଓ ପୁଅ ଶୁଭକେଶ(୩୨) ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଗୁଳିମାଡ଼ କରିଥିବା ଯାଜପୁର ଜିଲା ବିଞ୍ଝାରପୁରର ସୋନୁ ପଣ୍ଡା, କାଳିଆ ସିଂଙ୍କୁ କାବୁ କରି ନିସ୍ତୁକ ପିଟିବା ପରେ ପୋଲିସକୁ ହସ୍ତାନ୍ତର କରିଥିଲେ। ଏବେ ସେହି ଅଭିଯୁକ୍ତଦ୍ୱୟ ପୋଲିସ ହେପାଜତରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ଚିକିତ୍ସିତ ହେଉଛନ୍ତି। ରବିବାର ଘଟଣାସ୍ଥଳରେ ପାରିପାର୍ଶ୍ୱିକ ସ୍ଥିତିର ତଦନ୍ତ କରି ଏସ୍‌ପି ମଡକର ସନ୍ଦିତ ସମ୍ପଦ କହିଛନ୍ତି, ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ଗୁଳିମାଡ଼ ହୋଇଛି। ଖୁବ୍‌ଶୀଘ୍ର ଏହି ଘଟଣାର କାରଣ ସ୍ପଷ୍ଟ ହେବ। ଏଥିରେ ସମ୍ପୃକ୍ତ ଅନ୍ୟ ଦୁଇଜଣଙ୍କୁ ପୋଲିସ ଯାଜପୁରରୁ ଉଠାଇ ଆଣି କୌଣସି ଅଜ୍ଞାତ ସ୍ଥାନରେ ରଖି ପଚରାଉଚରା କରୁଛି। ଏଥିସହ ଅରବିନ୍ଦଙ୍କ ଘରେ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ଚଳାଇଛି। ତାଙ୍କ ଘରୁ ଏକ ରିଭଲଭର, ବାଡିରୁ ଏକ ମୋବାଇଲ ଓ ଗୋଟିଏ ଲାଇଟର ଜବତ ହୋଇଛି। ରିଭଲଭର ଜବତ ସଂଖ୍ୟା ୩ରେ ପହଞ୍ଚିଛି। ଏଥିସହ ୧୦ ଗୁଳି ଓ ୩ ଖୋକା ମଧ ଜବତ ହୋଇଛି। ଏ ନେଇ ପୋଲିସ ଏକ ମାମଲା(ନଂ.୪୩/୨୨) ରୁଜୁ କରିଛି। ଆହତ ମା' ଓ ପୁଅ କଟକରେ ଚିକିତ୍ସିତ ହେବା ପରେ ଘରକୁ ଫେରିଛନ୍ତି। ରବିବାର ଏସ୍‌ପି ସମ୍ପଦ, ଏଏସ୍‌ପି ହରିଶ ଚନ୍ଦ୍ର ପାଣ୍ଡେ, ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡା, ଆଇଆଇସି ମନୋରଞ୍ଜନ ଚୌଧୁରୀ ପ୍ରମୁଖ ଅରବିନ୍ଦଙ୍କ ଘରେ ପହଞ୍ଚି ତଦନ୍ତ କରିଛନ୍ତି। ପ୍ରେମ ସମ୍ପର୍କକୁ ନେଇ ଏହି ଘଟଣା ଘଟିଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।


ବବକରପୁରରେ ଏସ୍‌ପି ଓ ଅନ୍ୟ ପୋଲିସ ଅଧିକାରୀମାନେ ତଦନ୍ତ କରି ଫେରୁଛନ୍ତି।

## ଜୁଆ ଆଡ୍ଡା, କୁକୁଡ଼ା ଲଢ଼େଇ ବନ୍ଦ

**ଚଣ୍ଡିଖୋଲ,(ଡି.ଏନ.ଏ.):** ବୈରୀ ଥାନା ସମିଆ ପଞ୍ଚାୟତ ଅଧୀନ କୋହ୍ଲାଠାରେ ଚାଲୁଥିବା ସାପ୍ତାହିକ ହାଟରେ ଆଦିବାସୀ ସମ୍ପ୍ରଦାୟ ତରଫରୁ କୁକୁଡ଼ା ଲଢ଼େଇ ଓ ଜୁଆ ଖେଳ ଚାଲିଥାଏ। ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କରିବା ପରେ ରବିବାର ପୋଲିସ ହାଟରେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ସେଠାରେ ଜୁଆ ଖେଳୁଥିବା ଓ କୁକୁଡ଼ା ଲଢେଇ କରୁଥିବା ବ୍ୟକ୍ତିମାନେ ଫେରାର ହୋଇ ଯାଇଥିଲେ। ଆଇଆଇସି ସଂଘମିତ୍ରା ନାୟକଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢ଼ାଉ କରାଯାଇଛି। ପୋଲିସ କାହାରିକୁ ଗିରଫ କରିବାକୁ ସକ୍ଷମ ହୋଇନାହିଁ।

## ସଂକ୍ଷେପରେ

### କଳାପଥର ବୋଝେଇ ହାଇୱା ଜବତ

**ଚଣ୍ଡିଖୋଲ,୬।୩(ଡି.ଏନ.ଏ.):** ବଡ଼ଚଣା-ବାଲିଚନ୍ଦ୍ରପୁର ରାସ୍ତାରୁ ଏକ କଳାପଥର ବୋଝେଇ ହାଇୱାକୁ ବଡ଼ଚଣା ପୋଲିସ ଜବତ କରିଛି। ରବିବାର ଏହି ରାସ୍ତାର ବିଲିକଣା ନିକଟରେ ଏକ ହାଇୱା ଯୋଗେ କଳାପଥର ବାଲିଚନ୍ଦ୍ରପୁର ଅଭିମୁଖେ ଯାଉଥିଲା। ତେବେ ବିଲିକଣାରେ ଗ୍ରାମବାସୀ ହାଇୱାକୁ ଅଟକାଇବା ସହ ରାସ୍ତା ଖରାପ ହେଉଥିବା ଅଭିଯୋଗ କରିଥିଲେ। ଏଥିରେ ଗାଡ଼ିଚାଳକଙ୍କ ସହ ଗ୍ରାମବାସୀଙ୍କ ଯୁକ୍ତିତର୍କ ହୋଇଥିଲା। ଗ୍ରାମବାସୀ ଏନେଇ ପୋଲିସକୁ ଖବର ଦେବା ପରେ ପୋଲିସ ପହଞ୍ଚି ଗାଡ଼ି ଚାଳକଙ୍କୁ କାଗଜ ପତ୍ର ମାଗିଥିଲା। ମାତ୍ର ଚାଳକ କାଗଜପତ୍ର ଦେଖାଇ ପାରି ନ ଥିଲେ। ତେଣୁ ପୋଲିସ ଗାଡ଼ି ଜବତ କରି ଥାନାକୁ ନେଇଥିଲା। ରାଜପଥରେ ଟୋଲ ଫାଙ୍କିବା ସହ ପୋଲିସ ଚେକିଂ ଭୟରେ ପ୍ରତ୍ୟେକ ଦିନ ଏହି ରାସ୍ତାରେ ବେଆଇନ ଲଘୁ ଖଣିଜ ସାମଗ୍ରୀ ବିଭିନ୍ନ ସ୍ଥାନକୁ ପରିବହନ କରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

### ପୋଖରୀରୁ ବୃଦ୍ଧଙ୍କ ମୃତଦେହ ଜବତ

**ବାଲିଆ,୬।୩:** ବିରିଡି ଥାନା ବାସନ୍ଦରା ଗ୍ରାମସ୍କୁଲ ନିକଟ ପୋଖରୀରୁ ରବିବାର ଜଣେ ବୃଦ୍ଧଙ୍କ ମୃତଦେହ ମିଳିଛି। ସେ ହେଲେ ଏହି ଗ୍ରାମର ପାଣୁଆ ଜେନା (୭୨)। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଲୋକଙ୍କଠାରୁ ଖବରପାଇ ବିରିଡ଼ି ପୋଲିସ ଅଗ୍ନିଶମ କେନ୍ଦ୍ର କର୍ମଚାରୀଙ୍କ ସହାୟତାରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜଗତ୍‌ସିଂହପୁର ଚିକିତ୍ସାଳୟକୁ ପଠାଇଛି। ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ନଛିପୁର ନୀଳାଦ୍ରି ବିହାରର ସ୍ୱତନ୍ତ୍ର ବୈଠକ

**ସିଂହପୁର,୬।୩(ଡି.ଏନ.ଏ.):** ବିଞ୍ଝାରପୁର ବ୍ଲକର ଅନ୍ୟତମ ପ୍ରତିଷ୍ଠିତ ଶ୍ରୀଜଗନ୍ନାଥ ମନ୍ଦିର ଫତେପୁର ପଞ୍ଚାୟତର ନଛିପୁର ନିଳାଦ୍ରୀ ବିହାର ପରିସରରେ ରବିବାର ପରିଚାଳନା କମିଟିର ଏକ ସ୍ୱତନ୍ତ୍ର ବୈଠକ ଓ ଆଚାର୍ଯ୍ୟ ମନୋନୟନ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସ୍ଥାୟୀ ସଭାପତି ରତନଲାଲ ଭୂୟାଁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭେବେ ପରିଚାଳନା କମିଟି ଉପଦେଷ୍ଟା ଅନିରୁଦ୍ଧ ବେଉରିଆ ଯୋଗ ଦେଇଥିଲେ। ପ୍ରଥମେ ଅନୁଷ୍ଠାନର ଆଚାର୍ଯ୍ୟ ଦିବଂଗତ ଭକ୍ତ ନିରଞ୍ଜନ ଆଚାର୍ଯ୍ୟଙ୍କ ପରଲୋକରେ ନୀରବ ପ୍ରାର୍ଥନା କରାଯାଇଥିଲା। ସର୍ବସମ୍ମତି କ୍ରମେ ଦିବଂଗତ ନିରଞ୍ଜନଙ୍କ ଜ୍ୟେଷ୍ଠପୁତ୍ର ଦେବାଶିଷ ଆଚାର୍ଯ୍ୟଙ୍କୁ ବର୍ତ୍ତମାନର ଆଚାର୍ଯ୍ୟ ପଦ ନିମନ୍ତେ ମନୋନୟନ କରାଯାଇଥିଲା। ବୈଠକରେ ଗଗନ ବିହାରୀ ଆଚାର୍ଯ୍ୟ, ଅଶୋକ ଆଚାର୍ଯ୍ୟ, ସୁଧୀର ଆଚାର୍ଯ୍ୟ, ବିଜୟ ସାହୁ, ଶିଶିର ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ।

### ଖୋସାଲପୁର ଦଳର ସହଜ ବିଜୟ

**ରସୁଲପୁର,୬।୩(ଡି.ଏନ.ଏ.):** ରସୁଲପୁର ପଞ୍ଚାୟତ ଖୋସାଲପୁର ଗ୍ରାମ ଖେଳପଡ଼ିଆରେ ଆୟୋଜିତ ଇଣ୍ଡିପେଣ୍ଡସ୍ କପ୍-୨୦୨୨ର ଦ୍ୱିତୀୟ ଦିବସ ମ୍ୟାଚ୍‌ରେ ଘରୋଇ ଖୋସାଲପୁର କ୍ରିକେଟ୍ ଦଳ ଆଦମପୁର ଦଳ ବିପକ୍ଷରେ ସହଜ ବିଜୟ ହାସଲ କରି ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇପାରିଛି। ମ୍ୟାଚ୍‌ରେ ଆଦମପୁର କ୍ରିକେଟ ଦଳ ଟସ୍ ଜିଣି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ନିର୍ଦ୍ଧାରିତ ୨୦ ଓଭର ଶେଷହେବାକୁ ୨ ଓଭର ବାକି ଥାଇ ସମସ୍ତ ଉଇକେଟ ହରାଇ ୧୨୨ରନରେ ସିମୀତ ରହିଥିଲା। ଦଳ ପକ୍ଷରୁ ସତ୍ୟଜିତ ଦେଓ ବ୍ୟକ୍ତିଗତ ୨୯ ରନ ସଂଗ୍ରହ କରିଥିଲେ। ୧୨୩ ରନ୍ ବିଜୟ ଲକ୍ଷ୍ୟ ନେଇ ଘରୋଇ ଖୋସାଲପୁର ଦଳ ବ୍ୟାଟିଂ କରିଥିଲା। ଦଳର ଖେଳାଳି ୭ ଓଭରରେ ୨ ଉଇକେଟ ହରାଇ ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲେ। ବ୍ୟାଟସ୍‌ମ୍ୟାନ ସ୍ମିତିରଞ୍ଜନ ସାହୁଙ୍କ ଧୂଆଁଧାର ବ୍ୟାଟିଂ ସହ ବ୍ୟକ୍ତିଗତ ୬୪ରନ ଦଳକୁ ସହଜ ବିଜୟ ଆଣିଦେଇଥିଲା। ବିଜୟୀ ଦଳର ଅଲରାଉଣ୍ଡର ଜ୍ୟୋତିରଞ୍ଜନ ପଣ୍ଡାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା।

### ସମିତିସଭ୍ୟଙ୍କ ପିତୃ ବିୟୋଗ

**ବରୀ,୬।୩(ଡି.ଏନ.ଏ.):** ବରୀ ବ୍ଲକ ବରୀ ପଞ୍ଚାୟତର ନବନିର୍ବାଚିତ ସମିତିସଭ୍ୟ ସଞ୍ଜୀବ କୁମାର ଜେନାଙ୍କ ପିତା ସୁବାସ ଚନ୍ଦ୍ର ଜେନା (୭୬)ଙ୍କ ପରଲୋକ ଘଟିଛି। ସେ ରବିବାର ସକାଳେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ କଟକର ଏକ ଘରୋଇ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ପାର୍ଥିବ ଶରୀରକୁ ନିଜ ଜନ୍ମ ମାଟି ଧାରପୁରକୁ ଅଣାଯାଇ ଶେଷ କୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ପୁଅ ସଞ୍ଜୀବ ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ବିଭିନ୍ନ ମହଲରେ ଶୋକପ୍ରକାଶ ପାଇଛି।

# ୫ମ ଦିନରେ ୩୧ ନାମାଙ୍କନ

**ଯାଜପୁର ରୋଡ,୬।୩ (ଡି.ଏନ.ଏ.)**



ନିର୍ବାଚନ ଅଧିକାରୀ ଜଣେ ପ୍ରାର୍ଥିନୀଙ୍କ ନାମାଙ୍କନପତ୍ର ଗ୍ରହଣ କରୁଛନ୍ତି।

**ବ୍ୟାସନଗର ପୌର ନିର୍ବାଚନ**
- କଂଗ୍ରେସ ପୌରାଧ୍ୟକ୍ଷା ପ୍ରାର୍ଥିନୀ ଦାଖଲ କଲେ ପ୍ରାର୍ଥିପତ୍ର

ବ୍ୟାସନଗର ପୌର ପରିଷଦରେ କାଉନ୍‌ସିଲର ପଦବୀ ପାଇଁ କଂଗ୍ରେସ, ବିଜେଡି ଏବଂ ଭାଜପା ତରଫରୁ ରବିବାର ୩୦ ଜଣ ଏବଂ ପୌରାଧ୍ୟକ୍ଷା ପଦବୀ ପାଇଁ କଂଗ୍ରେସରୁ ଜଣେ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏହାକୁ ମିଶାଇ ରବିବାର ସୁଦ୍ଧା ୩୬ ପ୍ରାର୍ଥିପତ୍ର ଦାଖଲ ହୋଇଛି। ନାମାଙ୍କନ ପ୍ରକ୍ରିୟା ଗତ ୨ ତାରିଖରୁ ଆରମ୍ଭ ହୋଇଥିବାବେଳେ ୭ ତାରିଖରେ ସରିବ। ହେଲେ ରାଜନୈତିକ ଦଳଗୁଡିକ ପ୍ରାର୍ଥୀ ଚୟନରେ ବିଳମ୍ବ କରୁଥିବାରୁ ରବିବାର ପ୍ରାର୍ଥିପତ୍ର ଦାଖଲ ପାଇଁ ବ୍ୟାସନଗର ପୌରପାଳିକା କାର୍ଯ୍ୟାଳୟରେ ଜନଗହଳି ହୋଇଥିଲା। ପ୍ରାର୍ଥୀମାନେ ପୃଥକ୍ ପୃଥକ୍ ପଟୁଆରରେ ଶତାଧିକ ସମର୍ଥକଙ୍କ ସହ ଆସି ପ୍ରାର୍ଥିପତ୍ର ଦାଖଲ କରିଥିଲେ।

କଂଗ୍ରେସ ଏବଂ ବିଜେଡି ପୌରାଧ୍ୟକ୍ଷା ପ୍ରାର୍ଥୀ ଘୋଷଣା କରିଥିବାବେଳେ ଭାଜପା ବହୁ ପଛରେ ପଡ଼ିଛି। କଂଗ୍ରେସରୁ ପୌରାଧ୍ୟକ୍ଷା ପ୍ରାର୍ଥିନୀ ଭାବେ ମଞ୍ଜୁ ଲଛମନ ବାନରା ତାଙ୍କ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ରାଜ୍ୟ ମହିଳା ସଭାନେତ୍ରୀ ବନ୍ଦିତା ପରିଡ଼ା, ରାଜ୍ୟ ସମ୍ପାଦିକା ନିର୍ମଳା ମଲ୍ଲିକ, ବିଦ୍ୟାଧର ମହାନ୍ତି ପ୍ରମୁଖ ନେତୃବୃନ୍ଦଙ୍କ ଉପସ୍ଥିତିରେ ସେ ବ୍ୟାସନଗର ପୌର ନିର୍ବାଚନ ଅଧିକାରୀ ତଥା କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଏହାବାଦ୍ ବ୍ୟାସନଗର ପୌରାଞ୍ଚଳର ୧ ନଂ. ୱାର୍ଡ ପାଇଁ ବିଜୟ ଜେନା, ୨ ନଂ. ୱାର୍ଡ ପାଇଁ ଶୁଭଶ୍ରୀ ବାରିକ, ସମ୍ବରୀ ଟାମୁଣ୍ଡିଆ ଏବଂ କୁନି ହାଁସଦା, ୩ ନଂ. ପାଇଁ ସରୋଜିନୀ ନାୟକ ଏବଂ ଅନିତା ମଣ୍ଡଳ, ୪ ନଂ. ପାଇଁ ରଶ୍ମିତା ଖୁଣ୍ଟିଆ ଏବଂ ଅନସୂୟା ଦାସ, ୫ ନଂ. ପାଇଁ ମୋନାଲିସା ସାହୁ ଏବଂ ମଞ୍ଜୁଲତା ମହାରଣା, ୬ ନଂ. ପାଇଁ ସୁଜାତା ପ୍ରିୟଦର୍ଶିନୀ ପରିଡ଼ା, ୭ ନଂ. ପାଇଁ ବର୍ଷାରାଣୀ ପାତ୍ର, ୮ ନଂ. ପାଇଁ ସ୍ୱର୍ଣ୍ଣପ୍ରଭା ନାୟକ ଏବଂ ପ୍ରମୋଦ କୁମାର ରାଉତ, ୯ ନଂ. ପାଇଁ ନୀଳମଣି ରାଉତ ଏବଂ ଜିତେନ୍ଦ୍ର ଚିନ୍ନାରା, ୧୨ ନଂ. ପାଇଁ ସନ୍ତୋଷ କୁମାର ବରାଳ, ୧୫ ନଂ. ପାଇଁ ପୂର୍ବତନ ପୌରାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ ଓ ଯାଜପୁର ଜିଲା ମହିଳା ସଭାନେତ୍ରୀ ରିତାଶ୍ରୀ ମହାନ୍ତି, ୧୭ ନଂ ୱାର୍ଡ ପାଇଁ ଅନ୍ନପୂର୍ଣ୍ଣା ତରାଇ, ୧୮ ନଂ. ପାଇଁ ଭରତ ଓଝା, ୧୯ ନଂ. ୱାର୍ଡ ପାଇଁ ଅସ୍ମିତା ପତି ଏବଂ ମୀନାରାଣୀ ଜେନା, ୨୦ ନଂ. ପାଇଁ ସରୋଜିନୀ ସେଠୀ, ୨୧ ନଂ. ପାଇଁ ଉର୍ମିଳା ପରିଡ଼ା, ୨୨ନଂ. ଲାଗି କୁମୁଦୁନି ରାଉତ, ୨୩ ନଂ. ନିମନ୍ତେ ଜ୍ୟୋତିସ୍ମିତା ରାଉତ ଏବଂ ସୁମିତ୍ରା ଘଡେଇ, ୨୪ ନଂ. ପାଇଁ ସୁରେଶ କୁମାର ସ୍ୱାଇଁ , ୨୫ ନଂ. ନିମନ୍ତେ ପିଙ୍କି ମଲ୍ଲିକ ପ୍ରାର୍ଥିପତ୍ର ଦାଖଲ କରିଥିବା ପୌର କାର୍ଯ୍ୟାଳୟ ତରଫରୁ ସୂଚନା ମିଳିଛି।

# ପ୍ରିୟଦର୍ଶିନୀ କଂଗ୍ରେସ ପୌରାଧ୍ୟକ୍ଷା ପ୍ରାର୍ଥୀ

**ଯାଜପୁର ଟାଉନ,୬।୩(ଡି.ଏନ.ଏ.)**

**ଯାଜପୁର ପୌର ନିର୍ବାଚନ**



ପ୍ରିୟଦର୍ଶିନୀ ସାମନ୍ତ।

ପୌର ନିର୍ବାଚନ ପାଇଁ ଯାଜପୁର ଜିଲାରେ ରାଜନୈତିକ ଉଷ୍ମତା ଦେଖାଦେଇଛି। ଜିଲାର ୨ଟି ପୌରାଞ୍ଚଳ ଯାଜପୁର ଓ ବ୍ୟାସନଗରରେ ଏଥିନେଇ ସବୁଦଳ ପକ୍ଷରୁ ପ୍ରାର୍ଥିପତ୍ର ଦାଖଲ ଚାଲିଛି। ଚଳିତ ପୌରନିର୍ବାଚନରେ ପୌରାଧ୍ୟକ୍ଷ ପଦବୀ ପାଇଁ ସିଧାସଳଖ ନିର୍ବାଚନ ହେବାକୁ ଥିବାବେଳେ ଭୋଟର ୱାର୍ଡ କାଉନସିଲର ଓ ପୌରାଧ୍ୟକ୍ଷ ନିମନ୍ତେ ୨ଟି ଭୋଟ୍ ଦେବେ। ଏଣୁ ସବୁଦଳ ପକ୍ଷରୁ ଭୋଟରଙ୍କ ପାଖରେ ଗ୍ରହଣୀୟ ହେବାଭଳି ପ୍ରାର୍ଥୀଙ୍କୁ ଚୟନ କରାଯାଇ ଟିକେଟ ଦିଆଯାଉଛି। ରବିବାର ବିଜେଡି ପକ୍ଷରୁ ଯାଜପୁର ପୌରାଞ୍ଚଳ ପାଇଁ ରଞ୍ଜୁଲତା ହୋତା ପୌରାଧ୍ୟକ୍ଷା ପ୍ରାର୍ଥୀ ଭାବେ ଘୋଷଣା ହେଲାପରେ କଂଗ୍ରେସ ପକ୍ଷରୁ ବରିଷ୍ଠ କଂଗ୍ରେସ ନେତା ନାରାୟଣ ସାମନ୍ତଙ୍କ ବୋହୂ ପ୍ରିୟଦର୍ଶିନୀ ସାମନ୍ତଙ୍କୁ ପୌରାଧ୍ୟକ୍ଷା ପ୍ରାର୍ଥୀ ଭାବେ ଘୋଷଣା କରାଯାଇଛି। ପ୍ରିୟଦର୍ଶିନୀ ଜଣେ ଉଚ୍ଚ ଶିକ୍ଷିତା ହୋଇଥିବାବେଳେ ଚଳିତ ନିର୍ବାଚନରେ ଯାଜପୁର ପୌରାଞ୍ଚଳରେ ସଂଗଠିତ ବିଭିନ୍ନ ଦୁର୍ନୀତି ପ୍ରସଙ୍ଗକୁ ଆୟୁଧ କରି ଭୋଟରଙ୍କ ପାଖକୁ ଯିବେ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ଅନ୍ୟତମ ବିରୋଧୀ ଦଳ ଭାଜପା ପକ୍ଷରୁ ଏପର୍ଯ୍ୟନ୍ତ ପୌରାଧ୍ୟକ୍ଷା ପ୍ରାର୍ଥୀ ନିମନ୍ତେ କାହାରିକୁ ଘୋଷଣା କରାଯାଇନାହିଁ।

# ବିଜେଡିରେ କନ୍ଦଳ ବଢ଼ାଇବେ ଆଶାୟୀ

**ଯାଜପୁର ଅଫିସ,୬।୩**

ପୌର ନିର୍ବାଚନ ପାଇଁ ୭ ତାରିଖରେ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଶେଷ ହେଉଛି। ଏହି ପରିସ୍ଥିତିରେ ୨୬ଟି ୱାର୍ଡ ବିଶିଷ୍ଟ ବ୍ୟାସନଗର ଓ ୧୮ଟି ୱାର୍ଡ ବିଶିଷ୍ଟ ଯାଜପୁର ମ୍ୟୁନିସିପାଲିଟି ନିର୍ବାଚନ ପାଇଁ ପ୍ରମୁଖ ଦଳ ବିଜେଡି ଓ ଭାଜପାର ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ସରୁନାହିଁ। ଦୁଇ ଦଳ ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ପୌର ନିର୍ବାଚନକୁ ଦଳୀୟ ଶକ୍ତି ପ୍ରଦର୍ଶନର ମାଧ୍ୟମ କରିବେ ବୋଲି କୁହାଯାଉଛି। କିନ୍ତୁ ଉଭୟ ଦଳରେ କନ୍ଦଳ ଏଥିରେ ଅନ୍ତରାୟ ହେବା ଜଳଜଳ ହୋଇ ଦିଶୁଛି। ପ୍ରତ୍ୟେକ ୱାର୍ଡରେ ଏକାଧିକ ପ୍ରାର୍ଥୀ ରହିଥିବାରୁ ଉଭୟ ଦଳର ନେତୃବର୍ଗଙ୍କୁ ଅଡୁଆରେ ପକାଇଛି। ତେଣୁ ରବିବାର ପ୍ରାର୍ଥିପତ୍ର ଦାଖଲ ସମୟରେ ଅଧିକାଂଶ ପ୍ରାର୍ଥୀ ସେମାନଙ୍କ ଦଳୀୟ ଟିକେଟ ପ୍ରଦର୍ଶନ କରି ନ ଥିବା ଜଣାପଡିଛି। ବିଜେଡି ନେତୃବର୍ଗ ନାମାଙ୍କନ ପତ୍ର ଦାଖଲ କରି ବିଜେଡି ଦର୍ଶାଇବାକୁ କହିଥିଲେ ହେଁ ସୋମବାର ମଧ୍ୟାହ୍ନରେ ଟିକେଟ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ଏହିକ୍ରମରେ ଗୋଟିଏ ଗୋଟିଏ ୱାର୍ଡ ପାଇଁ ଏକାଧିକ ବିଜେଡି ନେତା ନାମାଙ୍କନ ପତ୍ର ଦାଖଲ କରିଥିବା ସୂଚନା ମିଳିଛି। ଜଣଙ୍କୁ ଟିକେଟ ମିଳିବା ପରେ ଅନ୍ୟ ପ୍ରାର୍ଥୀମାନେ ତାଙ୍କୁ ସମର୍ଥନ କରିବାକୁ କଡ଼ା ନିର୍ଦ୍ଦେଶ ଦିଆଯିବ ବୋଲି ବିଜେଡି ଯୋଜନା କରିଛି। କିନ୍ତୁ ତାହା ବିଜେଡିରେ ଦଳୀୟ କନ୍ଦଳକୁ ବଢ଼ାଇବ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ଦେଉଛନ୍ତି। କାରଣ ଜିଲା ବିଜେଡି ନେତୃବୃନ୍ଦଙ୍କ ସମର୍ଥକମାନେ ନିରାଶ ହେଲେ ତାହା ପ୍ରତ୍ୟକ୍ଷ ପରୋକ୍ଷ ଭାବେ ବିଦ୍ରୋହ ସୃଷ୍ଟି କରିବ ବୋଲି କୁହାଯାଉଛି।

ଭାଜପାରେ ମଧ୍ୟ କେତେକ ୱାର୍ଡରେ ଏକାଧିକ ଆଶାୟୀ ପ୍ରାର୍ଥୀ ରହିଥିବାରୁ ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ ହୋଇପାରୁନାହିଁ। ହେଲେ ଶେଷ ସମୟରେ ବିଜେଡି ଅସନ୍ତୁଷ୍ଟଙ୍କୁ ଟିକେଟ୍ ଦେଇ ଫାଇଦା ଉଠାଇବାକୁ ଭାଜପା ଅପେକ୍ଷା କରିଥିବା କୁହାଯାଉଛି।

# ୮ କାଉନସିଲର ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ

**ଯାଜପୁର ଟାଉନ,୬।୩(ଡି.ଏନ.ଏ.)**



ଜଣେ କାଉନ୍‌ସିଲର ପ୍ରାର୍ଥିନୀ ନିର୍ବାଚନ ଅଧିକାରୀଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

ଚଳିତ ପୌରନିର୍ବାଚନ ପାଇଁ ସୋମବାର ନାମାଙ୍କନପତ୍ର ଦାଖଲର ଶେଷ ଦିନ ରହିଛି। ଏହାକୁ ଦୃଷ୍ଟିରେ ରଖି ରବିବାର କଂଗ୍ରେସ ପକ୍ଷରୁ ୮ଜଣ କାଉନସିଲର ପ୍ରାର୍ଥୀ ସେମାନଙ୍କ ପ୍ରାର୍ଥିପତ୍ର ଦାଖଲ କରିଥିବା ଜଣାପଡିଛି। ଦଳ ପକ୍ଷରୁ ଯାଜପୁର ପୌରାଞ୍ଚଳର ୧ ନଂ. ୱାର୍ଡ ପାଇଁ ଚନ୍ଦନା ମହାପାତ୍ର, ୭ନଂ. ୱାର୍ଡ ପାଇଁ ନନ୍ଦିନୀ ଦଳେଇ, ୮ନଂ. ପାଇଁ ରିନୁ ଖାଁ, ୯ନଂ. ପାଇଁ ଅମୂଲ୍ୟ ବିଶ୍ୱାଳ, ୧୧ନଂ ୱାର୍ଡ ପାଇଁ କବିରୁନ୍ ବିବି, ୧୪ ନଂ. ପାଇଁ ପ୍ରଜ୍ଞା ପ୍ରିୟଦର୍ଶିନୀ ଜେନା, ୧୫ନଂ ପାଇଁ ଭରତ ବେହେରା ଓ ୧୭ ନଂ. ୱାର୍ଡ ପାଇଁ ସ୍ୱପ୍ନା ଦାସ ପ୍ରମୁଖ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏଥିପୂର୍ବରୁ ୫ ତାରିଖରେ ୧୮ ନଂ. ୱାର୍ଡ ପାଇଁ କଂଗ୍ରେସ ପକ୍ଷରୁ ବଳରାମ ବେହେରା ନାମାଙ୍କନ ପତ୍ର ଦାଖଲ କରିଥିଲେ। ରବିବାର ସୁଦ୍ଧା ଯାଜପୁର ପୌରାଞ୍ଚଳର ୧୮ଟି ୱାର୍ଡ ମଧ୍ୟରୁ ୯ ପ୍ରାର୍ଥୀ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିଛନ୍ତି।

# ରାଜ୍ୟସ୍ତରୀୟ ସାହିତ୍ୟ ମହୋତ୍ସବ

**ଯାଜପୁର ରୋଡ,୬।୩(ଡି.ଏନ.ଏ.)**



ଆମ ସାହିତ୍ୟ ପରିବାର ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଆମ ସାହିତ୍ୟ ପରିବାର, ବ୍ୟାସନଗରର ରାଜ୍ୟସ୍ତରୀୟ ସାହିତ୍ୟ ମହୋତ୍ସବ-୨୦୨୨ ରବିବାର ଉତ୍ସବ ପ୍ୟାଲେସ୍ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ବ୍ୟଙ୍ଗକାର ରସରାଜ ମାଧବ ଚନ୍ଦ୍ର ସ୍ୱାଇଁ ଏହାକୁ ଉଦ୍‌ଘାଟନ କରିଥିଲେ। ଓଡିଶା ସାହିତ୍ୟ ଏକାଡେମୀ ଯାଜପୁର ଜିଲା ସଦସ୍ୟା ରୀତାରାଣୀ ନାୟକ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି ମୁଖ୍ୟବକ୍ତା, ପରିବାରର ଉପଦେଷ୍ଟା ପଣ୍ଡିତ ଅକ୍ଷୟ କୁମାର ଦାଶ, ସଦସ୍ୟା ମାଙ୍ଗଳିକା ଦାସ, ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ସନ୍ଧ୍ୟାରାଣୀ ଘଡେଇ, ଦୀପ୍ତିମାଳା ସାମଲ ପ୍ରମୁଖ ଅତିଥି ବକ୍ତବ୍ୟ ଦେଇଥିଲେ। ସୁକିନ୍ଦା କଳାପରିଷଦ ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ବନ୍ଦନା ଓ ସାଇଶ୍ରୀୟା ମିଶ୍ରଙ୍କ ଦ୍ୱାରା ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ସରୋଜ କୁମାର ଶତପଥୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପରେ ଅନୁଷ୍ଠାନର ମୁଖପତ୍ର ଉଦ୍ଭବ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା । ଏହି ଅବସରରେ କବି ସରୋଜ କୁମାର ଶତପଥୀଙ୍କ ବ୍ୟଙ୍ଗ କବିତା ସଂକଳନ 'ଅଲଣା'କୁ ପ୍ରକାଶକ ନୀଳଚକ୍ର ଦାସଙ୍କ ଉପସ୍ଥିତିରେ ଅତିଥିମାନେ ଲୋକାର୍ପଣ କରିଥିଲେ। ଉତ୍ସବରେ ଆମ ସାହିତ୍ୟ ପରିବାରର ସଭାପତି ଅଲେଖ ପ୍ରସାଦ ମହାରଣା ପୌରୋହିତ୍ୟ କରିଥିଲା ବେଳେ ସଂଗଠନ ସମ୍ପାଦକ ସୁଜିତ କୁମାର ମଲ୍ଲିକ ମଞ୍ଚ ପରିଚାଳନା ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ମହେଶ୍ୱର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବାଲେଶ୍ୱରର ଫକୀରମୋହନ ସାହିତ୍ୟ ପରିଷଦ, କେନ୍ଦୁଝରର ସଂଯୋଗୀ ସାହିତ୍ୟ ସଂସଦ, ଭଦ୍ରକର ପୂଜ୍ୟପୂଜା ସାହିତ୍ୟ ସଂସଦ, ଯାଜପୁର ଜିଲାର ଶିଶୁ ପତ୍ରିକା ବଉଳଫୁଲ, ନାରୀକେନ୍ଦ୍ରୀକ ପତ୍ରିକା ମୃଗତନ୍ଦ୍ରା ଏବଂ ବ୍ୟଙ୍ଗ ପତ୍ରିକା ଆଜ୍ଞା ନମସ୍କାରକୁ ସେମାନଙ୍କର ଉତ୍କର୍ଷତା ପାଇଁ ଅନୁଷ୍ଠାନ ତରଫରୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି କଳା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଗୌରାଙ୍ଗ ଶତପଥୀଙ୍କୁ ପ୍ରହଲ୍ଲାଦ ମହାରଣା ସ୍ମୃତି ସମ୍ମାନ, ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ଶରତ ରାଉତଙ୍କୁ ଡା. କଳ୍ପତରୁ ସାହୁ ସ୍ମୃତି ସମ୍ମାନ ଏବଂ ଶିକ୍ଷା, ସଂସ୍କୃତି ଓ ସାହିତ୍ୟ କ୍ଷେତ୍ରରେ ସତ୍ୟାନନ୍ଦ ଦାସଙ୍କୁ ଆମ ସାହିତ୍ୟ ପରିବାରର ଶ୍ରଦ୍ଧାପୂର୍ଣ୍ଣ ସମ୍ମାନ ପ୍ରଦାନ କରା ଯାଇଥିଲା।

# ବିପଦସଙ୍କୁଳ ବିଦ୍ୟୁତ୍ ଖୁଣ୍ଟ ସ୍ଥାନାନ୍ତର ଦାବି

**ଯାଜପୁର ସଦର,୬।୩(ଡି.ଏନ.ଏ.)**



ରାସ୍ତା ମଝିରେ ଥିବା ବିଦ୍ୟୁତ୍ ଖୁଣ୍ଟ।

ଯାଜପୁର ସହରର ମହାବୀର ଛକ ମଝିରେ ଏକ ବିଦ୍ୟୁତ୍ ଖୁଣ୍ଟ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହାର ନିମ୍ନ ପାର୍ଶ୍ୱରୁ କଳଙ୍କି ଲାଗି ପ୍ରାୟ ୭୫ଭାଗ ନଷ୍ଟ ହୋଇଯାଇଛି। କିନ୍ତୁ ଏହି ଖୁଣ୍ଟରୁ ବିଭିନ୍ନ ଘରକୁ ବିଦ୍ୟୁତ୍ ସଂଯୋଗ କରାଯାଇଛି। ଏହି ବିପଦପୂର୍ଣ୍ଣ ବିଦ୍ୟୁତ୍ ଖୁଣ୍ଟ ରାସ୍ତା ମଝିରେ ଥିବାରୁ ଯାତାୟାତ ପାଇଁ ଚାରିଚକିଆ ଯାନଗୁଡ଼ିକ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖାଯାଇଛି। ଖୁଣ୍ଟିକୁ ଏଠାରୁ ଉଠାଇ ଅନ୍ୟତ୍ର ପୋତିବାକୁ ମହାବୀର ଛକର ଜନସାଧାରଣ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ବିଭାଗ ନୀରବଦ୍ରଷ୍ଟା ସାଜିଛି। ଖୁଣ୍ଟିଟି କେତେବେଳେ ଯେ ଭୁଶୁଡ଼ି ପଡ଼ିବ ସେନେଇ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ କାଳାତିପାତ କରୁଛନ୍ତି। ତେଣୁ ବିଦ୍ୟୁତ୍ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଖୁଣ୍ଟ ସ୍ଥାନାନ୍ତର ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ୬୪ କୋଟି ଟଙ୍କା ପ୍ରକଳ୍ପରେ ଦୁର୍ନୀତି

**ଯାଜପୁର ଅଫିସ,୬।୩**

- ବ୍ୟାସସରୋବର ବିକାଶ କାର୍ଯ୍ୟରେ ଅନିୟମିତତା
- ମାଟି ଭିତରେ ଇଟା ଯୋଡ଼ା ଚାଲିଛି
- ବାଲି ବଦଳରେ ମାଟି ପୋତା ହେଉଛି



ବ୍ୟାସସରୋବରର ପାଚେରି କାର୍ଯ୍ୟ ଚାଲିଛି।

ଦୀର୍ଘବର୍ଷ ଧରି ଅବହେଳିତ ଅବସ୍ଥାରେ ପଡ଼ି ରହିଥିବା ଯାଜପୁର ଜିଲା ବ୍ୟାସନଗରସ୍ଥିତ ଅନ୍ୟତମ ପର୍ଯ୍ୟଟନସ୍ଥଳୀ ବ୍ୟାସସରୋବର ବିକାଶ କାମ ଆରମ୍ଭ ହୋଇଛି। ଏଥିପାଇଁ ରାଜ୍ୟ ସରକାର ୬୪ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏନ୍‌ବିସିସି (ନ୍ୟାଶନାଲ ବିଲ୍ଡିଂ କନଷ୍ଟ୍ରକ୍ସନ କର୍ପୋରେଶନ) ଜରିଆରେ ଦିଲ୍ଲୀର ଠିକାସଂସ୍ଥା କ୍ରିଷ୍ଣା ବିଲ୍‌ଡର ଏହି କାମ କରୁଛି। ତେବେ ଏହି କାମ ଆରମ୍ଭରୁ ଅନେକ ଅନିୟମିତତା ସାମ୍ନାକୁ ଆସିଛି। ପାଚେରି ନିର୍ମାଣ କାମ ବିଭାଗୀୟ ଅଟକଳ ଓ ଡିଜାଇନ ଅନୁଯାୟୀ ହେଉ ନ ଥିବା ଅଭିଯୋଗ ହେଉଛି। ଏଥିଯୋଗୁ ଏହି ପର୍ଯ୍ୟଟନସ୍ଥଳୀର ଦୀର୍ଘସ୍ଥାୟିତ୍ୱ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ମହାଭାରତର କିମ୍ବଦନ୍ତୀ ବହନ କରୁଥିବା ବ୍ୟାସସରୋବର ପର୍ଯ୍ୟଟକଙ୍କୁ ବିଶେଷ ଭାବେ ଆକୃଷ୍ଟ କରିଥାଏ । ସେଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହ ବ୍ୟାସଦେବ ଏବଂ ରାଘବଜୀ ଗୋସାଇଁଙ୍କୁ ପୂଜା କରିବା ଉଦ୍ଦେଶ୍ୟରେ ରାଜ୍ୟ ତଥା ରାଜ୍ୟ ବାହାରୁ ବାର୍ଷିକ ପ୍ରାୟ ୭ ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତ ବୁଲିବାକୁ ଆସିଥାନ୍ତି। ଯାଜପୁର-କେନ୍ଦୁଝର ରୋଡ୍ ରେଳ ଷ୍ଟେଶନଠାରୁ ମାତ୍ର ୩ କି.ମି.ଦୂରରେ ରହିଛି ଏହି ପୌରାଣିକ ସ୍ଥଳ। ୧୯୯୪ରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ବ୍ୟାସସରୋବରକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳିଥିଲା । ଇତିମଧ୍ୟରେ ୨୭ ବର୍ଷ ବିତିଛି, ହେଲେ ସେହି ସରୋବରର ବିକାଶ ଉପରେ କୌଣସି ଗୁରୁତ୍ୱ ଦିଆଯାଇ ନ ଥିଲା। କାହିଁ କେଉଁଦିନରୁ ସେହି ସରୋବର ପୋତି ହୋଇଯାଇଛି। କେବଳ ଡିପ ଟାଙ୍ଗରା ଓ ପଥୁରିଆ ଭୂମିକୁ ଦେଖିବାକୁ ପର୍ଯ୍ୟଟକମାନେ ଆସୁଥିଲେ। ସେଠାରେ ମା'ଲକ୍ଷ୍ମୀଙ୍କ ଗୁପ୍ତ ଗଙ୍ଗା ରହିଛି ଓ ଏହାର ଚତୁଃପାର୍ଶ୍ୱରେ ପଞ୍ଚୁ ପାଣ୍ଡବଙ୍କ ସମେତ ଦୁର୍ଯ୍ୟୋଧନ ଓ ଲକ୍ଷ୍ମୀଙ୍କ ପ୍ରତିମା ଶୋଭା ପାଉଛି । ପ୍ରାଚୀନ କାଳରେ ସେଠାରେ ବୃହତ୍ ସରୋବର ଥିଲା ବୋଲି ଜନଶ୍ରୁତି ରହିଛି । ବିଡମ୍ବନା ଯେ, ସେଠାରେ ବ୍ୟାସଦେବ ନାହାନ୍ତି କିମ୍ବା ବ୍ୟାସସରୋବର ନାହିଁ । କେବଳ ରହିଯାଇଛି ସେହି ପୌରାଣିକ ସ୍ମୃତି । ତଥାପି ପ୍ରତିବର୍ଷ ମାଘ ଶୁକ୍ଳପକ୍ଷ ଏକାଦଶୀ ଦିନଠାରୁ ୧୧ ଦିନ ଧରି ସେଠାରେ ବ୍ୟାସ ମହୋତ୍ସବ ମହାସମାରୋହରେ ପାଳିତ ହୋଇ ଆସୁଛି।

ଏହି ପୀଠର ଅବହେଳିତ ଅବସ୍ଥା ନେଇ ଧରିତ୍ରୀରେ ନିୟମିତ ଖବର ପ୍ରକାଶ ପାଇବା ପରେ ସରକାରଙ୍କ ପକ୍ଷରୁ ପରିବେଶ ସୁରକ୍ଷା ସହ ଅନେକ ସୌନ୍ଦର୍ଯ୍ୟକରଣ କାମ ହାତକୁ ନିଆଯାଇଛି। ଏଥିରେ ମନ୍ଦିର, ଶିଶୁ ଉଦ୍ୟାନ, ବୋଟିଂ, ନର୍ସରି, ବ୍ୟାସଦେବ ମୂର୍ତ୍ତି, ହସ୍ତିନାପୁର, ଭଗବାନ କୃଷ୍ଣ, ପାଣ୍ଡବ ଓ କୌରବ, ଦ୍ରୌପଦୀ, ଚକ୍ରବ୍ୟୂହ, ମାଛଆଖି, ଭୀଷ୍ମଙ୍କ ଶରଶଯ୍ୟା, ବିଶ୍ୱରୂପ ଇତ୍ୟାଦି ମୂର୍ତ୍ତି ନିର୍ମାଣ କରିବାକୁ ଯୋଜନା ରହିଛି। ଇତିମଧ୍ୟରେ କ୍ରିଷ୍ଣା ବିଲ୍‌ଡର ପକ୍ଷରୁ ସରୋବର ପୁନରୁଦ୍ଧାର ସହ ପାଚେରୀ ନିର୍ମାଣ ହେଉଛି। ତେବେ ଉକ୍ତ ପାଚେରି ପାଇଁ ପ୍ରାୟ ୬ ଫୁଟ ଗାତ ଖୋଳା ଯାଇଛି। ପିଲର ସହ ତଳ ଅଂଶରେ କଂକ୍ରିଟ କରାଯାଉଥିବାବେଳେ ମଝି ପ୍ରାୟ ୩ ଫୁଟ ଇଟା ଯୋଡ଼ା ଯାଉଛି। ସେଠାରୁ ମାଟି ଉପରସ୍ତର ପର୍ଯ୍ୟନ୍ତ ପୁଣି କଂକ୍ରିଟ ହେଉଛି। ଖୋଳା ଗାତରେ ବାଲି ସ୍ଥାନରେ ମାଟି ଓ ମୋରମ ପୋତାଯାଉଛି। ଏଭଳି ପାଚେରୀ ନିର୍ମାଣ ପ୍ରାୟ ୫୦ ଏକର ପରିମିତ ଅଞ୍ଚଳରେ କରାଯାଉଛି। ଏପରି କାର୍ଯ୍ୟ ଯୋଗୁ ପାଚେରୀର ଭିତର ଅଂଶ ଭବିଷ୍ୟତରେ ନଷ୍ଟ ହୋଇଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି । ଏହି ଦୁର୍ନୀତିରେ ବହୁ କୋଟି ଟଙ୍କା ଆତ୍ମସାତ୍ ପାଇଁ ମସୁଧା ଚାଲିଛି ବୋଲି ଅଭିଯୋଗ ହେଉଛି। ପ୍ରସିଦ୍ଧ ବ୍ୟାସସରୋବରର ବିକାଶ ପାଇଁ ଅଞ୍ଚଳବାସୀ ଏକାଧିକ ଥର ଆନ୍ଦୋଳନ କରିଛନ୍ତି । ଏହି ପର୍ଯ୍ୟଟନସ୍ଥଳୀର ବିକାଶ ହେଲେ କର୍ମନିଯୁକ୍ତି ସୃଷ୍ଟି ସହ ଅର୍ଥନୈତିକ ବିକାଶରେ ସହାୟକ ହୋଇପାରିବ। ଏହାବାଦ୍ ଏହା ଏକ ସବୁଜିମାରେ ପରିଣତ ହୋଇ ପରିବେଶ ସୁରକ୍ଷାରେ ସହାୟକ ହେବ ବୋଲି ବିଭାଗୀୟ ଯୋଜନା ରହିଛି। କିନ୍ତୁ ଏହି ଉନ୍ନୟନ କାର୍ଯ୍ୟ ଆରମ୍ଭରୁ ଦୁର୍ନୀତି ପ୍ରବେଶ କଲେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ ବୋଲି ମତପ୍ରକାଶ ପାଇଛି।

ଏ ସଂକ୍ରାନ୍ତରେ ବ୍ୟାସନଗର ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତଙ୍କୁ ପଚାରିବାରେ ସେ କହିଛନ୍ତି, ଏନ୍‌ବିସିସି ଜରିଆରେ ଏହି କାମ ହେଉଛି। ଏଥିରେ ତାଙ୍କର କୌଣସି ଦାୟିତ୍ୱ ନାହିଁ। ଏନ୍‌ବିସିସିର ଅଧିକାରୀମାନେ ଏହାର ଜବାବ ରଖିପାରିବେ।

## ସଂକ୍ଷେପରେ

### ଛାତ୍ରୀଛାତ୍ରଙ୍କୁ ପାଠ୍ୟୋପକରଣ ବିତରଣ



**ଖଣ୍ଡପଡ଼ା,୬।୩(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ସିଧାମୂଳା ଗୋକୁଳାନନ୍ଦ ଜୀଉ ବିଦ୍ୟାମନ୍ଦିରର ସମସ୍ତ ଛାତ୍ରୀଛାତ୍ରଙ୍କୁ ପାଠ୍ୟୋପକରଣ ବଣ୍ଟନ କରାଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ପୃକ୍ତ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗଙ୍ଗାଧର ଷଡଙ୍ଗୀ ୬ଷ୍ଠ ଶ୍ରେଣୀରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରୀଛାତ୍ରଙ୍କୁ ଏହି ପାଠ୍ୟୋପକରଣ ବିତରଣ କରିଥିଲେ ।

### ଭରତପତି ମହାବିଦ୍ୟାଳୟ ଛାତ୍ର ଜିତିଲେ ୨ ପଦକ

#### ଇଣ୍ଟର ୟୁନିଭରସିଟି କ୍ରୀଡ଼ା ପ୍ରତିଯୋଗିତା

**ପାତ୍ରପୁର,୬।୩(ଡି.ଏନ.ଏ.):** ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲୀ ସ୍ଥିତ ଭରତପତି ମହାବିଦ୍ୟାଳୟର ଛାତ୍ର ସାଇ କିରଣ ସାହୁ ରବିବାର ବ୍ରହ୍ମପୁର ୟୁନିଭରସିଟି ପ୍ଲେ ଗ୍ରାଉଣ୍ଡରେ ଇଣ୍ଟର ୟୁନିଭରସିଟି ଆଥ୍‌ଲେଟିକ ମିଟ୍‌ରେ ଭାଗ ନେଇ ୨ଟି ପଦକ ଜିତିଛନ୍ତି। ଚାଲିଥିବା ଇଣ୍ଟର ୟୁନିଭରସିଟି ଆଥ୍‌ଲେଟିକ ପ୍ରତିଯୋଗିତାରେ ୫ ହଜାର ମିଟର ଓ ୧୦ ହଜାର ମିଟର ଦୌଡ଼ ପ୍ରତିଯୋଗିତାରେ ଦୁଇଟି ରୌପ୍ୟ ପଦକ ହାସଲ କରିଛନ୍ତି। ରୌପ୍ୟ ପଦକ ସହିତ ପ୍ରତ୍ୟେକ ଇଭେଣ୍ଟ ପାଇଁ ତାଙ୍କୁ ୨୫ ହଜାର ଟଙ୍କା ନଗଦ ପୁରସ୍କାର ପ୍ରଦାନ କରାଯାଇଛି। ତାଙ୍କୁ କଲେଜ ଅଧାପିକା ଓ ଅଧାପକଙ୍କ ସହ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଇଛି।

### ପଡ଼ିଲା ବିଜେଡିର ନାମାଙ୍କନପତ୍ର

#### ବାଲିଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ

**ବାଲିଗୁଡ଼ା,୬।୩(ଡି.ଏନ.ଏ):** ମନ୍ତ୍ରୀ ପ୍ରତାପ ଜେନାଙ୍କ ମୋହର ବାଜିବା ପରେ ରବିବାର ବାଲିଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରଷଦର ୧୩ ୱାର୍ଡ ଓ ଅଧକ୍ଷ ପଦ ପାଇଁ ବିଜେଡି ପକ୍ଷରୁ ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର, ବ୍ଲକ ସଭାପତି ଟୁନା ଦାସ, ପୂର୍ବତନ ଏନ୍‌ଏସି ଅଧକ୍ଷ ଲୋକନାଥ ପାଢ଼ୀଙ୍କ ସମେତ ବହୁ ସଂଖ୍ୟକ ବିଜେଡି ନେତା ଓ କର୍ମୀ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ଏନଏସି କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ବାଲିଗୁଡ଼ା ତହସିଲଦାର ଶଶାଙ୍କ ଶେଖର ପାତ୍ରଙ୍କ ନିକଟରେ ସମସ୍ତ ପ୍ରାର୍ଥୀ ନିଜର ନାମାଙ୍କନପତ୍ର ଦାଖଲ କରିଛନ୍ତି। ବାଲିଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରଷଦର ୧ ନଂ ୱାର୍ଡ ପାଇଁ ଗୋରେଖ ମଲ୍ଲିକ,୨ ନଂ ୱାର୍ଡ ପାଇଁ ମିନତି ନାୟକ,୩ ନଂ ୱାର୍ଡ ପାଇଁ ଶଶି କୁମାର ଦିଗାଲ,୪ ନଂ ୱାର୍ଡ ପାଇଁ ରାଜେଶ୍ୱର ମଲ୍ଲିକ, ୫ ନଂ ୱାର୍ଡ ପାଇଁ ଶାନ୍ତି ନାୟକ,୬ ନଂ ୱାର୍ଡ ପାଇଁ ବିଭୂତି ଭୂଷଣ ଲହରିଆ,୭ ନଂ ୱାର୍ଡ ପାଇଁ ପଦ୍ମାଳୟା ନାୟକ, ୮ନଂ ୱାର୍ଡ ପାଇଁ ରଶ୍ମିତା ପାଢ଼ୀ, ୯ ନଂ ୱାର୍ଡ ପାଇଁ ହରପ୍ରିୟା ତ୍ରିପାଠୀ,୧୦ ନଂ ୱାର୍ଡ ପାଇଁ ରୀନା କୁମାରୀ ପଣ୍ଡା,୧୧ ନଂ ୱାର୍ଡ ପାଇଁ ନାରାୟଣ ଡାକୁଆ,୧୨ ନଂ ୱାର୍ଡ ପାଇଁ ଗୀତା ମଲ୍ଲିକ ଓ ୧୩ ନଂ ୱାର୍ଡ ପାଇଁ ସୁନିତା ଦିଗାଲ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ଅଧକ୍ଷ ପଦ ପାଇଁ ଗୋବିନ୍ଦ ପ୍ରଧାନ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ।

# ୫ ଛାତ୍ରୀଛାତ୍ରଙ୍କ ପାଇଁ ୨ ଶିକ୍ଷକ

**ନୂଆଗାଁ,୬।୩ (ଡି.ଏନ.ଏ.)**




### ଲୁଣି ପ୍ରାଥମିକ ବିଦ୍ୟାଳୟରେ ଅବ୍ୟବସ୍ଥା

- ସ୍କୁଲ ଆସୁନାହାନ୍ତି ପ୍ରଧାନ ଶିକ୍ଷକ
- ଫାଙ୍କା ପଡ଼ିଛି ଦ୍ୱିତୀୟ, ଚତୁର୍ଥ ଶ୍ରେଣୀ
- ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ୍

ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବାକୁ ରାଜ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି। ଅତ୍ୟାଧୁନିକ ଶିକ୍ଷା ବ୍ୟବସ୍ଥା ପାଇଁ ସ୍ମାର୍ଟ ସ୍କୁଲ ଯୋଜନା କାର୍ଯ୍ୟକାରୀ କରାଯାଇଛି। ଏଥିପାଇଁ ବିଭିନ୍ନ ଯୋଜନାରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଉଛି । ହେଲେ କେତେକ ସ୍ଥାନରେ ବିଭାଗୀୟ କର୍ମଚାରୀ, ଅଧିକାରୀଙ୍କ ଖାମଖିଆଲ ମନୋଭାବ ଯୋଗୁ ତା'ର ସୁଫଳ ଛାତ୍ରୀଛାତ୍ରମାନେ ପାଇପାରୁ ନ ଥିବାରୁ ସେମାନେ ସ୍କୁଲ ଛାଡ଼ିବାକୁ ବାଧ୍ୟ ହେଉଛନ୍ତି। ଏହାର ଉଦାହରଣ ଦେଖିବାକୁ ମିଳୁଛି ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଜାକେଡ଼ା ପଞ୍ଚାୟତର ଲୁଣି ପ୍ରାଥମିକ ବିଦ୍ୟାଳୟରେ ।

ଜାକେଡ଼ା ପଞ୍ଚାୟତର ଆଦିବାସୀ ଅଧ୍ୟୁଷିତ ଲୁଣି, ବଡ଼ଜିରି, ସାନଜିରିବାସୀଙ୍କ ପିଲାମାନଙ୍କୁ ଶିକ୍ଷାର ମହାସ୍ରୋତରେ ସାମିଲ କରିବା ପାଇଁ ୧୯୬୯ରେ ଲୁଣିଠାରେ ଲୁଣି ପ୍ରାଥମିକ ସ୍କୁଲ ପ୍ରତିଷ୍ଠା କରାଯାଇଥିଲା । ବହୁ ଆଶା ଓ ବିଶ୍ୱାସ ନେଇ ଅଭିଭାବକମାନେ ନିଜ ପିଲାମାନଙ୍କୁ ଉକ୍ତ ସ୍କୁଲରେ ନାମ ଲେଖାଇଥିଲେ । ହେଲେ ସ୍କୁଲର ନାନା ଅବ୍ୟବସ୍ଥା ଯୋଗୁ ଛାତ୍ରୀଛାତ୍ରମାନେ ସେହି ଶିକ୍ଷାନୁଷ୍ଠାନରୁ ମୁହଁ ଫେରାଇ ଆଣୁଥିବା ଅଭିଯୋଗ ହୋଇଛି। ଏଥିପାଇଁ ନିଯୁକ୍ତି ପାଇଥିବା ଶିକ୍ଷକଙ୍କଠାରୁ ଆରମ୍ଭ କରି ଶିକ୍ଷାଧିକାରୀଙ୍କ ଅବହେଳା ଦାୟୀ ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି । ଅଭିଭାବକମାନଙ୍କ ଅଭିଯୋଗ ଅନୁଯାୟୀ ଉକ୍ତ ସ୍କୁଲରେ ନିଯୁକ୍ତି ପାଇଥିବା ଶିକ୍ଷକ ପାଳି କରି ସ୍କୁଲକୁ ଆସନ୍ତି । ବେଳେ ବେଳେ ସ୍କୁଲକୁ ଆସନ୍ତି ନାହିଁ । ଫଳରେ ଛାତ୍ରୀଛାତ୍ରମାନେ ସ୍କୁଲ ବାରଣ୍ଡାରେ ବସି ଘରକୁ ଫେରନ୍ତି।

ଏ ସଂକ୍ରାନ୍ତରେ ଗ୍ରାମବାସୀ ଏକାଧିକ ଥର ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳୁ ନ ଥିବା ସେମାନେ କହିଛନ୍ତି। ଏଥିପାଇଁ ଛାତ୍ରୀଛାତ୍ରଙ୍କ ସ୍କୁଲ ପ୍ରତି ଭରସା ତୁଟିବାକୁ ବସିଛି । ସମ୍ପ୍ରତି ପ୍ରଥମ ଶ୍ରେଣୀରେ ୨ ଜଣ, ତୃତୀୟ ଶ୍ରେଣୀରେ ୨ ଜଣ ଓ ପଞ୍ଚମ ଶ୍ରେଣୀରେ ଜଣେ ପିଲା ପଢୁଥିବା ବେଳେ ଦ୍ୱିତୀୟ ଏବଂ ଚତୁର୍ଥ ଶ୍ରେଣୀରେ କୌଣସି ଛାତ୍ରୀଛାତ୍ର ନାହାନ୍ତି। ମୋଟ ୫ ଜଣ ଛାତ୍ରୀଛାତ୍ରଙ୍କୁ ନେଇ ଏହି ସ୍କୁଲ ଚାଲିଛି। ସେହି ପିଲାଙ୍କ ପାଇଁ ଦୁଇ ଜଣ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ଅନ୍ୟପକ୍ଷେ ସ୍କୁଲ ଖୋଲିବା ଦିନଠାରୁ ପ୍ରଧାନଶିକ୍ଷକ ସ୍କୁଲ ବାରଣ୍ଡା ମାଡ଼ି ନ ଥିବା କହିଛନ୍ତି ସହକାରୀ ଶିକ୍ଷକ ସଞ୍ଜୀବ କୁମାର କହଁର । ଏଥିଯୋଗୁ ନିଜେ ନିଜର ଉପସ୍ଥାନ କିମ୍ବା ଛାତ୍ରୀଛାତ୍ରଙ୍କ ଉପସ୍ଥାନ ପକାଇ ପାରୁ ନ ଥିବା ସେ ସୂଚନା ଦେଇଛନ୍ତି । ପ୍ରଧାନଶିକ୍ଷକ ସ୍କୁଲକୁ ନ ଆସି ଦରମା ପାଉଥିବା ଅଭିଯୋଗ ହେଉଛି । କେବଳ ଏତିକି ନୁହେଁ, ସ୍କୁଲ ମରାମତି ଓ ସୌନ୍ଦର୍ଯ୍ୟକରଣ ପାଇଁ ଆସୁଥିବା ଅର୍ଥ ବାଟମାରଣା ହେଉଛିୟ। ଏପରି କି ରୋଷେଇ ସରଞ୍ଜାମ କିଣିବା, ସ୍କୁଲକୁ ରଙ୍ଗ କରିବା ଆଦି ପାଇଁ ସରକାର ଅନୁଦାନ ଦେଉଥିଲେ ମଧ୍ୟ ତାହା କେବଳ କାଗଜକଲମରେ ଚାଲିଛି । ସେହି ଅର୍ଥକୁ ବିଭାଗୀୟ କର୍ମଚାରୀମାନେ ମିଳିମିଶି ଆତ୍ମସାତ୍ କରୁଥିବା ଅଭିଯୋଗ ହେଉଛି। ୨୦୧୮-୧୯ରୁ ୨୦୨୦-୨୧ ପର୍ଯ୍ୟନ୍ତ ପ୍ରତିବର୍ଷ ସ୍କୁଲର ସୌନ୍ଦର୍ଯ୍ୟକରଣ ପାଇଁ ୧୨ହଜାର ୫୦୦ ଟଙ୍କା ଅନୁଦାନ ଦିଆଯାଉଥିଲେ ମଧ୍ୟ କୌଣସି କାମ ହୋଇନାହିଁ। ସେହିଭଳି ମଧ୍ୟାହ୍ନ ଭୋଜନ ପାଇଁ ଡେକ୍‌ଚି, କଡ଼େଇ ଆଦି କିଣିବା ପାଇଁ ୧୦ ହଜାର ଟଙ୍କା ଦିଆଯାଇଥିଲେ ମଧ୍ୟ କୌଣସି ସାମଗ୍ରୀ କିଣାଯାଇ ନାହିଁ । ଏ ସଂକ୍ରାନ୍ତରେ ନୂଆଗାଁ ବ୍ଲକ ଶିକ୍ଷାଧିକାରୀ ବସନ୍ତ କୁମାର ପଣ୍ଡାଙ୍କୁ ପଚାରିବାରୁ ଗ୍ରାମବାସୀଙ୍କ ଅଭିଯୋଗ ବାବଦରେ ମୁଁ ତଦନ୍ତ କରିବି ବୋଲି କହିଛନ୍ତି। ଅନ୍ୟପକ୍ଷେ ପ୍ରଧାନଶିକ୍ଷକଙ୍କ ପ୍ରତିକ୍ରିୟା ନେବାକୁ ତାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରିନାହିଁ ।

### ପୌର ନିର୍ବାଚନ : ତିନି ଦଳ ପ୍ରାର୍ଥୀଙ୍କ ନାମାଙ୍କନ

**ବୁଗୁଡ଼ା,୬।୩(ଡି.ଏନ.ଏ.)**

ସ୍ଥାନୀୟ ଏନ୍‌ଏସି ନିର୍ବାଚନ ପାଇଁ ବିଜେଡି ପ୍ରାର୍ଥୀମାନେ ରବିବାର ସେମାନଙ୍କ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବିଜେଡି ପକ୍ଷରୁ ନଗରପାଳ ପଦବୀ ପାଇଁ ଚିତ୍ରସେନ ପ୍ରଧାନ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ୧ ନମ୍ବର ୱାର୍ଡ ପାଇଁ ମନିଶା ନାୟକ, ୨ନଂ ୱାର୍ଡ ପାଇଁ ବିନୋଦିନୀ ନାୟକ, ୩ ନଂ ୱାର୍ଡ ପାଇଁ ପୂଜା ରାଣୀ ପାଣିଗ୍ରାହୀ, ୪ ନଂ ୱାର୍ଡ ପାଇଁ ସସ୍ମିତା କୁମାରୀ ଜେନା, ୫ ନଂ ୱାର୍ଡ ପାଇଁ ମନୋରଞ୍ଜନ ଦାଶ, ୬ ନଂ ୱାର୍ଡ ପାଇଁ ସାଗରୀକା ଦାଶ, ୭ ନଂ ୱାର୍ଡ ପାଇଁ ଆଶୁତୋଷ ବଢେଇ, ୮ ନଂ ୱାର୍ଡ ପାଇଁ ସୁମିତ୍ରା ପାତ୍ର, ୯ ନଂ. ୱାର୍ଡ ପାଇଁ ଉର୍ମିଳା ସାହୁ, ୧୦ ନଂ. ୱାର୍ଡ ପାଇଁ ଗିତାଞ୍ଜଳୀ ପାଢ଼ୀ, ୧୧ ନଂ ୱାର୍ଡ ପାଇଁ ରିଭା ସ୍ୱାଇଁ, ୧୨ ନଂ ୱାର୍ଡ ପାଇଁ ପିଙ୍କି ନାହାକ, ୧୩ ନଂ ୱାର୍ଡ ପାଇଁ ବବୁ ପ୍ରଧାନ ପ୍ରମୁଖ କାଉନସିଲର ପ୍ରାର୍ଥୀମାନେ ସେମାନଙ୍କ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ରବିବାର ସ୍ଥାନୀୟ ବଳଦେବ ମନ୍ଦିରରୁ ବିଧାୟକ ଶ୍ରୀକାନ୍ତ ସାହୁ ଗହଣରେ ପ୍ରାର୍ଥୀମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରି ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ନାମାଙ୍କନ ପତ୍ର ଦାଖଲ କରିଥିଲେ। ସେହିପରି ଭାଜପା ପକ୍ଷରୁ ନଗରପାଳ ପ୍ରାର୍ଥୀ ପ୍ରତାପ ନାୟକଙ୍କ ସମେତ ୧ ନମ୍ବର ୱାର୍ଡ ପାଇଁ ବବିତା ନାୟକ, ୨ ନଂ ୱାର୍ଡ ପାଇଁ ସନ୍ଧ୍ୟାରାଣୀ ବେହେରା, ୩ ନଂ ୱାର୍ଡ ପାଇଁ ରେଶ୍ମିତା ରାଣୀ ପାତ୍ର, ୪ ନଂ ୱାର୍ଡ ପାଇଁ ସସ୍ମିତା ଡାକୁଆ, ୬ ନଂ ୱାର୍ଡ ପାଇଁ ସ୍ୱପ୍ନାରାଣୀ ଦାଶ, ୭ ନଂ ୱାର୍ଡ ପାଇଁ ବନବାସୀ ମହାରଣା, ୯ ନଂ ୱାର୍ଡ ପାଇଁ ଚନ୍ଦନ ପାତ୍ର ପ୍ରମୁଖ ୭ ଜଣ କାଉନସିଲର ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଅନ୍ୟପକ୍ଷରେ କଂଗ୍ରେସ ଦଳରୁ ଚେୟାରମ୍ୟାନ ପ୍ରାର୍ଥୀ ଭାବେ ସୀମାଞ୍ଚଳ ଖଟେଇ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

### ନାଟକ ମହୋତ୍ସବର ଷଷ୍ଠ ସନ୍ଧ୍ୟା



ନାଟକ'ଦୂର ଆକାଶ'ର ଏକ ଦୃଶ୍ୟ ।

## 'ମରୀଚିକା ପଛରେ ଦୌଡ଼ିବାକୁ ପଡ଼େ'

**ନୟାଗଡ଼ ଅଫିସ,୬।୩**

ନୟାଗଡ଼ ପଠାଣି ସାମନ୍ତ ଅଡ଼ିଟୋରିୟମରେ ଚାଲିଥିବା ତୃତୀୟ ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ଷଷ୍ଠ ସନ୍ଧ୍ୟାରେ ସାମାଜିକ ନାଟକ 'ଦୂର ଆକାଶ' ଦର୍ଶକଙ୍କ ମନକୁ ଛୁଇଁଛି। ବେଲପାହାଡର ମିରର୍ ଥିଏଟର କଳାକାରମାନଙ୍କ ଦ୍ୱାରା ମଞ୍ଚସ୍ଥ ଏହି ନାଟକରେ ଅତିଥିଭାବେ ସୁବାସ ଚନ୍ଦ୍ର ପ୍ରଧାନ ଯୋଗଦାନ କରିଥିଲେ । ମିଛମାୟା ସଂସାରରେ ମଣିଷମାନେ କିପରି ମରିଚିକ ପଛରେ ଦୌଡ଼ି ନିଜ ବାସ୍ତବିକତା ତଥା ଅସ୍ତିତ୍ୱକୁ ଭୁଲି ଯାଆନ୍ତି ତାହା ଏଠାରେ ପ୍ରତିଫଳନ ହୋଇଛି। ନାଟ୍ୟକାର ସୁବାସ ଚନ୍ଦ୍ର ପ୍ରଧାନଙ୍କ ରଚନା ଓ ନିର୍ଦ୍ଦେଶନାରେ ଏହି ନାଟକ ମଞ୍ଚସ୍ଥ ହୋଇଥିଲା। ନାଟ୍ୟଧାରା ନାଟ୍ୟସଂସ୍ଥା ଏବଂ ଜିଲା ସଂସ୍କୃତି ପରିଷଦ ମିଳିତ ଆନୁକୂଲ୍ୟରେ ଏହି ମହୋତ୍ସବ ଚାଲୁ ରହିଛି । ସପ୍ତମ ଦିବସରେ ରଙ୍ଗଶାଳା,ପୁରୀ ପକ୍ଷରୁ ନାଟକ 'ଶବ ବାହକମାନେ' ମଞ୍ଚସ୍ଥ ହେବ ବୋଲି ନାଟ୍ୟଧାରା ପକ୍ଷରୁ ସୂଚନା ଦିଆଯାଇଛି।

## ଆଜି ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନ

**ଭଞ୍ଜନଗର,୬।୩(ଡି.ଏନ.ଏ)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜେଡି ଏକତରଫା ବିଜୟ ଲାଭ କରିବା ପରେ ପୌର ନିର୍ବାଚନକୁ ମଧ ସେହିଭଳି ଏକତରଫା ବିଜୟ ଲକ୍ଷ୍ୟ ନେଇ ଗୋଟିଚାଳନା ଚଳାଇଛି । ରବିବାର ଭଞ୍ଜନଗର ଏନଏସିର ସମସ୍ତ ୱାର୍ଡ ଏବଂ ଅଧକ୍ଷ ପଦବୀ ପାଇଁ ବିଜେଡି ପକ୍ଷରୁ ପ୍ରାର୍ଥୀପତ୍ର ଦାଖଲ ହୋଇଛି । ସେମାନେ ହେଲେ ଅଧକ୍ଷ ଭାବେ ଗୋପବନ୍ଧୁ ମହାପାତ୍ର ଏବଂ ୱାର୍ଡ ନଂ. ୧ରେ ପୂର୍ବତନ କାଉନଲର ଶିବରାମ ଜେନାଙ୍କ ସ୍ତ୍ରୀ ଶାନ୍ତିଲତା ଜେନା, ୨ରେ କୃଷ୍ଣ ବିଷୋୟୀଙ୍କ ସ୍ତ୍ରୀ ପ୍ରଭାସିନୀ ପାଣିଗ୍ରାହୀ ,୩ରେ ବାଲାଜୀ ସାହୁ, ୪ରେ କେ.ସଚିତ୍ ରାଓ, ୫ରେ ରବି ବେହେରା, ୬ରେ ଅନିତା ସେଠୀ, ୭ରେ ପ୍ରଶାନ୍ତ ରାଓ, ୮ରେ ବରିଷ୍ଠ ନେତା ଶାନ୍ତନୁ କୁମାର ଦାସଙ୍କ ସ୍ତ୍ରୀ ଶୁଭଶ୍ରୀ, ୯ରେ ଜୟନ୍ତୀ ନାୟକ, ୧୦ରେ ଉପେନ୍ଦ୍ର ପ୍ରଧାନ, ୧୧ରେ ପୂର୍ବତନ କାଉନସିଲର ଅଶୋକ ନାୟକଙ୍କ ସ୍ତ୍ରୀ ଲକ୍ଷ୍ମୀ ନାୟକ, ୧୨ରେ ସସ୍ମିତା ଜେନା, ୧୩ରେ ସଞ୍ଜୁକ୍ତା ବେହେରା, ୧୪ରେ ଶିବରାମ ନାୟକ ଏବଂ ୱାର୍ଡ ନଂ.୧୫ରେ ଉତ୍ତମ ଦଳବେହେରା ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଏହା ପୂର୍ବରୁ ବାଗ୍‌ଦେବୀ ମନ୍ଦିରରୁ ବିଜେଡି କର୍ମୀମାନେ ଏକ ଶୋଭାଯାତ୍ରାରେ ବାହାରି ମୁଖ୍ୟ ସଡ଼କ ଦେଇ ଏନ୍‌ଏସି କାର୍ଯ୍ୟାଳୟରେ ପହଞ୍ଚିଥିଲେ। ବାଟରେ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ସମସ୍ତ ପ୍ରାର୍ଥୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଜେଡିର ପ୍ରାର୍ଥୀପତ୍ର ଦାଖଲ ସମୟରେ ନଗର ବିଜେଡି ସଭାପତି ରାଜେନ୍ଦ୍ର ବିଷୋୟୀ, ଯୁବ ସଭାପତି ସୁଧୀର ବେହେରା, ମହିଳା ସଭାନେତ୍ରୀ ସୁଜ୍ଞାନୀ ଗୌଡ଼, ଏମ୍‌ପି ପ୍ରତିନିଧି ବିପ୍ର ଚରଣ ବାରିକ, ଦିବାକର ନାୟକ, ବ୍ଲକ ବିଜେଡି ସଭାପତି ରାଜେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଭାଜପାର ମଧ ୱାର୍ଡ ନଂ. ୧୦ ପାଇଁ ଅଭିରାମ ଭୂୟାଁ, ୭ ପାଇଁ ଅନୁପ କୁମାର ଦାସ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଅନ୍ୟ ୱାର୍ଡ ଏବଂ ଅଧକ୍ଷ ପଦବୀ ପାଇଁ ଭାଜପାର ପ୍ରାର୍ଥୀ ଚୟନ ସରିନାହିଁ । ସେହିଭଳି କଂଗ୍ରେସରୁ ବିକ୍ରମ ବିଷୋୟୀ ଅଧକ୍ଷ ପଦବୀ ପାଇଁ ମନୋନୀତ ହୋଇଛନ୍ତି । ବିକ୍ରମ ସୋମବାର ଦଳୀୟ କାଉନ୍‌ସିଲର ପ୍ରାର୍ଥୀଙ୍କ ସହ ମିଶି ପ୍ରାର୍ଥୀପତ୍ର ଦାଖଲ କରିବେ। ସମସ୍ତ କାଉନ୍‌ସିଲର ପଦବୀ ପାଇଁ କଂଗ୍ରେସର ପ୍ରାର୍ଥୀ ଚୟନ ରବିବାର ସୁଦ୍ଧା ସରିନାହିଁ। ୱାର୍ଡ ନଂ. ୭ ପାଇଁ ପୂର୍ବତନ କାଉନସିଲର ଡି.ଚେଲପତି ରାଓ ସ୍ୱାଧୀନଭାବେ ପ୍ରାର୍ଥୀପତ୍ର ଭାବେ ଦାଖଲ କରିଛନ୍ତି । ସୋମବାର ହେଉଛି ପ୍ରାର୍ଥୀପତ୍ର ଦାଖଲର ଶେଷ ଦିବସ ।

### ଅଧକ୍ଷ ପ୍ରାର୍ଥୀ ଭାବେ ଶିବଶଙ୍କରଙ୍କ ପ୍ରାର୍ଥୀପତ୍ର ଦାଖଲ

**ସୋରଡ଼ା,୬।୩ (ଡି.ଏନ୍.ଏ.)**

ସୋରଡ଼ା ଏନ୍‌ଏସି ପାଇଁ ଅଧକ୍ଷ ପ୍ରାର୍ଥୀ ଭାବେ ବିଜେଡିରୁ ଶିବଶଙ୍କର ପଣ୍ଡା ରବିବାର ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ତାଙ୍କ ସହ ୧୧ କାଉନସିଲର ପ୍ରାର୍ଥୀ ମଧ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ସମେତ ସମସ୍ତ ପ୍ରାର୍ଥୀ ଦଳୀୟ ଅଫିସରୁ ଶୋଭାଯାତ୍ରାରେ ଆସି ପହଞ୍ଚିଥିଲେ। ଅନ୍ୟପଟେ ଭାଜପାର ସୋମବାର ସମସ୍ତ ପଦବୀ ପାଇଁ ପ୍ରାର୍ଥୀପତ୍ର ଦାଖଲ ହେବ ବୋଲି ଜଣାପଡିଛି ।

### ଭାଜପାରୁ ସନ୍ତୋଷ, କଂଗ୍ରେସରୁ ସୁନାରାମ

#### ହିଞ୍ଜିଳିକାଟୁ ପୌର ପରିଷଦ ନିର୍ବାଚନ

**ହିଞ୍ଜିଳିକାଟୁ, ୬।୩(ଡି.ଏନ୍.ଏ.)**

ହିଞ୍ଜିଳିକାଟୁ ପୌର ପରିଷଦ ନିର୍ବାଚନ ପାଇଁ ରବିବାର ଭାଜପା ନଗର ସଭାପତି ସନ୍ତୋଷ କୁମାର ପାଣିଗ୍ରାହୀଙ୍କୁ ପାର୍ଟି ତରଫରୁ ଅଧକ୍ଷ ପ୍ରାର୍ଥୀ ଘୋଷଣା କରାଯାଇଛି। ସେହିପରି କଂଗ୍ରେସ ପକ୍ଷରୁ ନଗର ସଭାପତି ସୁନାରାମ ସାବତଙ୍କୁ ପ୍ରାର୍ଥୀ ଘୋଷଣା କରାଯାଇଛି। ରବିବାର ଏସ୍‌ୟୁସିଆଇ ସମର୍ଥିତ ପ୍ରାର୍ଥୀ ଭାବେ ନାରାୟଣ ସାହୁ ଅଧକ୍ଷ ପଦବୀ ପାଇଁ ନାମାଙ୍କନ ଦାଖଲ କରିଛନ୍ତି। ୱାର୍ଡ ନଂ ୬ରୁ ବିଜେଡି ପ୍ରାର୍ଥିନୀ ଭାବେ ସୁଚିତ୍ରା ପଣ୍ଡା ନାମାଙ୍କନ ଦାଖଲ କରିଛନ୍ତି। ସୋମବାର ବିଜେଡି, ଭାଜପା ଓ କଂଗ୍ରେସ ପକ୍ଷରୁ ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିବେ। ବିଜେଡି ପକ୍ଷରୁ ବିଭିନ୍ନ ୱାର୍ଡରେ ପ୍ରାର୍ଥୀ ଚୟନକୁ ବିରୋଧ କରି ବିଦ୍ରୋହୀ ପ୍ରାର୍ଥୀ ନାମାଙ୍କନ ଦାଖଲ କରିବା ନେଇ ପ୍ରସ୍ତୁତ ହେଉଛନ୍ତି। ଭାଜପା ଓ କଂଗ୍ରେସ ପକ୍ଷରୁ ପୌର ପରିଷଦର ସମସ୍ତ ୨୧ୱାର୍ଡରେ ପ୍ରାର୍ଥୀ ପ୍ରଦାନ ନେଇ ଅନିଶ୍ଚିତତା ଦେଖାଦେଇଛି।

## ଟ୍ରକ୍ ଧକ୍କାରେ ବ୍ୟବସାୟୀଙ୍କ ମୃତ୍ୟୁ

**ଦିଗପହଣ୍ଡି,୬।୩(ଡି.ଏନ.ଏ.)**

ଦିଗପହଣ୍ଡି ବସ୍‌ଷ୍ଟାଣ୍ଡ ମୁଖ୍ୟରାସ୍ତାର ଟାଉନ ଛକଠାରେ ରବିବାର ଏକ ସଡ଼କ ଦୁର୍ଘଟଣାରେ ଜଣେ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦିଗପହଣ୍ଡି ପନ୍ଦରା ସାହିର ସୁରେନ୍ଦ୍ର ମିଶ୍ର। ସୁରେନ୍ଦ୍ର ସାଇକେଲରେ ପୁଞ୍ଜିକିଆଁ ଛକ ସ୍ଥିତ ନିଜର ରାଶନ ଦୋକାନକୁ ଯାଉଥିବା ବେଳେ ଯାଜପୁରରୁ ବ୍ରହ୍ମପୁର ଦେଇ ଦ୍ରୁତଗତିରେ ଯାଉଥିବା ଅଟା ବୋଝେଇ ଟ୍ରକ୍ ତାଙ୍କ ଉପରେ ମାଡି ଯାଇଥିଲା। ଫଳରେ ଘଟଣାସ୍ଥଳରେ ସୁରେନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ପୋଲିସ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା।

## ଗଳ୍ପ ପୁସ୍ତକ 'ଯୌବନ' ଲୋକାର୍ପିତ

**ନୟାଗଡ଼ ଅଫିସ,୬।୩**



ପୁସ୍ତକ ଉନ୍ମୋଚନ ଉତ୍ସବରେ ମନ୍ତ୍ରୀ ଅରୁଣ ସାହୁ ଓ ଅନ୍ୟମାନେ।

ପକ୍ଷୀଘର ପ୍ରକାଶନ ସଂସ୍ଥା ଆନୁକୂଲ୍ୟରେ ରବିବାର ନୟାଗଡ଼ ବିଜେଡି କାର୍ଯ୍ୟାଳୟରେ ନୟାଗଡ଼ ବିଧାୟକ ତଥା ମନ୍ତ୍ରୀ ଅରୁଣ ସାହୁଙ୍କ ଗଳ୍ପ ପୁସ୍ତକ ଯୌବନ ଲୋକର୍ପିତ ହୋଇଛି । ଜୁମ୍ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟର କବି, ସାହିତ୍ୟିକ ଓ ଖବରଦାତା ଯୋଡି ହୋଇଥିଲେ । ଏଥିରେ ଓଡିଆ ଗଳ୍ପ ସାହିତ୍ୟର ବିଭୂତି ପଟ୍ଟନାୟକ ମୁଖ୍ୟଅତିଥି ଓ ସାହିତ୍ୟିକ ଗୌରହରୀ ଦାସ ଅତିଥି ରୂପେ ଯୋଗ ଦେଇ ଅରୁଣଙ୍କ ସାହିତ୍ୟ ପ୍ରତି ଥିବା ରୁଚି ଓ ଭଲ ଉପାଇବାକୁ ପ୍ରଶଂସା କରିଥିଲେ। ଯୌବନର ସଙ୍କଳକ ତଥା ସମ୍ପାଦକ ଅରୁଣ ସାହୁ କହିଥିଲେ, ଅନେକ କିଛି ହାସଲ କରିବାର ସମୟ ହେଉଛି ଯୌବନ। ଯୌବନରେ ସୃଜନଶୀଳତା ଭରପୁର ହୋଇ ରହିଛି । ସୃଜନସମାଜର ଗତିପଥକୁ ବଦଳାଇ ପାରେ ।

## ସିଲେକ୍ସନ ୱାରିୟର, ଟାଇଗର ଟିମ୍ ବିଜୟୀ



ଅତିଥିଙ୍କ ସହ ଉଭୟ ଦଳର ଖେଳାଳି ।

### ଦଶପଲ୍ଲା ପ୍ରିମିୟର ଲିଗ୍

**ଦଶପଲ୍ଲା,୬।୩ (ଡି.ଏନ.ଏ.)**

ସ୍ଥାନୀୟ ଗାନ୍ଧୀ ମଇଦାନରେ ଚାଲିଥିବା ଦଶପଲ୍ଲା ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ରବିବାର ୨ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଈଶାନୀ ସହ ସିଲେକ୍ସନ୍ ୱାରିଅର୍‌ର ମୁକାବିଲା ହୋଇଥିଲା । ସିଲେକ୍ସନ୍ ୱାରିଅର୍ ୧୪.୦୨ ଓଭର ଖେଳି ୧୦୭ରନ୍ କରିଥିଲା । ଏହାର ଜବାବରେ ଈଶାନୀ ଟିମ୍ ମାତ୍ର ୯୩ରନ୍ କରି ଅଲ୍ ଆଉଟ୍ ହୋଇଥିଲେ । ଅମିତ ସାହୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା । ଦ୍ୱିତୀୟ ମ୍ୟାଚ୍ ବୈଶାଳୀ ଜାଗୁଆର୍ ସହ ଟାଇଗର ପ୍ରାଇଡ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଟାଇଗର ପ୍ରଥମେ ବ୍ୟାଟିଂ କରି ୧୫ଓଭରରେ ୯ଉଇକେଟ୍ ହରାଇ ୭୮ରନ୍ କରିଥିଲା । ଜବାବରେ ବୈଶାଳୀ ୧୧.୦୨ଓଭରରେ ମାତ୍ର ୫୬ରନ୍ କରି ଅଲ୍ ଆଉଟ୍ ହୋଇଯାଇଥିଲା । ଅତିଥି ଭାବେ ବିଜନକାନ୍ତ ସାହୁ ଯୋଗଦେଇଥିଲେ। ଜିତେନ୍ଦ୍ର ସ୍ୱାଇଁ, ଟିକି ମହାପାତ୍ର ଖେଳ ପରିଚାଳନା କରିଥିଲେ ।

## ନାମାଙ୍କନ ଦାଖଲ କଲେ ବିଜେଡି ପ୍ରାର୍ଥୀ

### ଛତ୍ରପୁର ଏନ୍‌ଏସି

**ଛତ୍ରପୁର,୬।୩(ଡି.ଏନ.ଏ.)**



ପ୍ରାର୍ଥୀମାନେ ପ୍ରାର୍ଥୀପତ୍ର ଦାଖଲ କରିବାକୁ ଯାଉଛନ୍ତି ।

ଗଞ୍ଜାମ ଜିଲା ଛତ୍ରପୁର ଏନ୍‌ଏସିରେ ପୌର ନିର୍ବାଚନ ଲାଗି ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଚାଲିଛି । ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଶନିବାର ଏନ୍‌ଏସି ଅଧକ୍ଷା ଓ କାଉନସିଲର ବିଜେଡି ପ୍ରାର୍ଥୀମାନେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ଛତ୍ରପୁର ଏନ୍‌ଏସି ଅଧକ୍ଷା ପଦବୀ ପାଇଁ ବିଜେଡିରୁ ଟି. ଲକ୍ଷ୍ମୀ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ସେହିପରି ଛତ୍ରପୁର ଏନ୍‌ଏସିର ୨ ନମ୍ବର ପାଇଁ ବିଜେଡିରୁ ଅଫତାବ ହୁସେନ, ୩ ନମ୍ବର ମାମା ସେଠୀ, ୫ ନମ୍ବର ଡି.ଇନ୍ଦୁ, ୬ନମ୍ବର ମମତା ପାତ୍ର, ୭ ନମ୍ବର ଏମ୍. ୱାଣୀ ସେନାପତି, ୯ ନମ୍ବର ପ୍ରିତିଛନ୍ଦା ସାମଲ, ୧୦ ନମ୍ବର ଏସ୍.ଜଗଦୀଶ ରାଓ, ୧୧ ନମ୍ବର ସନ୍ତୋଷୀ ସେଠୀ, ୧୩ ନମ୍ବର ସୁମନ୍ତ କୁମାର ନାହାକ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଅନ୍ୟମାନେ ସୋମବାର ପ୍ରାର୍ଥୀପତ୍ର ଦାଖଲ କରିବେ ବୋଲି ବିଧାୟକ ସୂଚନା ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଛତ୍ରପୁର ବ୍ଲକ ଅଧ୍ୟକ୍ଷ ଏମ୍. ଧନଞ୍ଜୟ ରେଡ୍ଡୀ, ଟି. ଚନ୍ଦ୍ରଶେଖର ରାଓ, କିଶୋର ଚନ୍ଦ୍ର ସେନାପତି, ଅପରପକ୍ଷରେ ଏନ୍‌ଏସି ବିଜେଡି ସଭାପତି ବି.ରାଜୁବାବୁ ନିଜ ପଦବୀରୁ ପୂର୍ବାହ୍ନରେ ଇସ୍ତଫା ଦେଇଥିଲେ। ତେବେ ସେ ନିଜ ଇସ୍ତଫା ପତ୍ରକୁ ସନ୍ଧ୍ୟାରେ ପ୍ରତ୍ୟାହାର କରି ନେଇଥିବା ଏକ ଖବରଦାତା ସମ୍ମିଳନୀରେ ବିଧାୟକ ସୁବାସ ଚନ୍ଦ୍ର ବେହେରାଙ୍କ ଉପସ୍ଥିତିରେ ସେ ସୂଚନା ଦେଇଛନ୍ତି ।

## ସଂକ୍ଷେପରେ

### ବିରାଜା ଦେବୀଙ୍କ ମନ୍ଦିର ପ୍ରତିଷ୍ଠା



**ନୟାଗଡ଼ ଅଫିସ, ୬।୩:** ନୟାଗଡ଼ ଜିଲା ଶରଣକୂଳର ମା ବିରଜାଜଙ୍କ ମନ୍ଦିରର ପ୍ରତିଷ୍ଠା ଓ ନୂତନବିଗ୍ରହ ସ୍ଥାପନ ଉତ୍ସବ ରବିବାର ଆରମ୍ଭ ହୋଇଛି । ରବିବାର ଅଙ୍କୁରୋରୋପଣ କରାଯାଇ ରତ୍ନମୁଦ କରାଯାଇଥିଲା । ଏପରିକି ମନ୍ଦିର ପ୍ରତିଷ୍ଠା କରାଯାଇଥିଲା। ଏହି ଅବସରରେ ୭ ତାରିଖରେ କଳସ ଶୋଭାଯାତ୍ରା ସହ ଅଗ୍ନିସ୍ଥାପନ କରାଯିବ । ୮ରେ ଯଜ୍ଞ ଆରମ୍ଭ ହୋଇ ୯ରେ ପୂର୍ଣ୍ଣାହୁତି ହେବ। ସୂଚନାଯୋଗ୍ୟ, ବିରାଜାଇ ମନ୍ଦିର ଶରଣକୂଳର ଏକ ପୁରୁଣା ମନ୍ଦିର । ବିଭୂଦତ୍ତ ମହାପାତ୍ରଙ୍କ ଉଦ୍ୟମରେ ନୂଆ ମନ୍ଦିର ନିର୍ମାଣ ହୋଇଛି ।

# ନୟାଗଡ଼, ୯ ପ୍ରାର୍ଥୀପତ୍ର ଦାଖଲ

■ ଭାଜପାରୁ ୭, କଂଗ୍ରେସରୁ ୨
■ ସବୁଠି ଆଶାୟୀଙ୍କୁ ନେଇ ଚିନ୍ତା

**ନୟାଗଡ଼ ଅଫିସ,୬।୩**

ନୟାଗଡ଼ ମ୍ୟୁନିସିପାଲିଟି ନିର୍ବାଚନ ପାଇଁ ଏ ପର୍ଯ୍ୟନ୍ତ ରାଜନୀତି ସରଗରମ ହୋଇନାହିଁ। ନାମାଙ୍କନ ଦାଖଲ କରିବାକୁ ଆଉ ମାତ୍ର ଗୋଟିଏ ଦିନ ବାକି ଥିବାବେଳେ ବିଜେଡି ପରି ରାଜ୍ୟର ପ୍ରମୁଖ ଦଳ କାଉନ୍‌ସିଲର ଓ ଚେୟାରମ୍ୟାନ ପ୍ରାର୍ଥୀଙ୍କ ନାମ ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଘୋଷଣା କରିନାହିଁ । ଭାଜପା ଓ କଂଗ୍ରେସ ପରି ଜାତୀୟ ଦଳ ବି କାଉନ୍‌ସିଲର ଓ ଚେୟାରମ୍ୟାନ ପ୍ରାର୍ଥୀଙ୍କ ନାମ ଘୋଷଣା କରିନାହାନ୍ତି । ତେବେ ଭାଜପାର ୭ ଓ କଂଗ୍ରେସର ୨ ଏପରି ୯ ପ୍ରାର୍ଥୀ ରବିବାର ଉପଜିଲାପାଳ ଲଗ୍ନଜିତ ରାଉତଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । କାଉନସିଲର ପାଇଁ ଭାଜପା ପକ୍ଷରୁ ୧ନଂ.ୱାର୍ଡ ପାଇଁ କୁନ୍ତଳା ପ୍ରଧାନ, ୩ ନଂ.ୱାର୍ଡ ପାଇଁ ପ୍ରମିଳା ଦେଇ, ୪ ନଂ.ୱାର୍ଡ ପାଇଁ ସବିତା ବେହେରା, ୭ ନଂ.ୱାର୍ଡ ପାଇଁ ବାପୁଜୀ ସାହୁ, ୧୨ ନଂ.ୱାର୍ଡ ପାଇଁ ପାର୍ବତୀ ପରିଡା, ୧୩ ନଂ.ୱାର୍ଡ ପାଇଁ ଲକ୍ଷ୍ମୀପ୍ରିୟା ନାୟକ, ୧୬ନଂ.ୱାର୍ଡ ପାଇଁ ମିନତୀ ପଟ୍ଟନାୟକ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ସେହିପରି କଂଗ୍ରେସ ପକ୍ଷରୁ ୭ ନଂ.ୱାର୍ଡ ପାଇଁ କୈଳାସ ସିଂ, ୧୬ ନଂ.ୱାର୍ଡ ପାଇଁ ପୁଷ୍ପଲତା ମଲ୍ଲିକ ଅନୁରୂପ ଭାବେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସୂଚନା ଅନୁଯାୟୀ, ଶାସକ ବିଜେଡିରେ ଆଶାୟୀଙ୍କ ସଂଖ୍ୟା ବଢ଼ି ଚାଲିଛି । ଭାଜପା ଓ କଂଗ୍ରେସ ପକ୍ଷରୁ କାହାକୁ ପ୍ରାର୍ଥୀ କରାଯିବ ତାହା ଚୟନ ହୋଇପାରୁନି । ବିଜେଡି ପକ୍ଷରୁ ଯେଉଁମାନେ ଆଶାୟୀ ଅଛନ୍ତି ସେମାନେ ଟିକେଟ ପାଉନାହାନ୍ତି। ଯାହାକୁ ଟିକେଟ ଦିଆଯାଉଛି ସେମାନେ ପ୍ରାର୍ଥୀ ହେବା ପାଇଁ ରାଜି ହେଉନାହାନ୍ତି। ଏଣୁ ବାରମ୍ବାର ଚେୟାରମ୍ୟାନ ପ୍ରାର୍ଥୀଙ୍କ ନାମ ବଦଳି ଚାଲିଛି । ଭାଜପା ଓ କଂଗ୍ରେସରେ ପ୍ରାର୍ଥୀଙ୍କ ଅଭାବ ଲାଗି ରହିଛି । ଉଭୟ ଦଳ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ପ୍ରାର୍ଥୀ ଖୋଜା ଚାଲିଛି । ଦରକାର ପଡିଲେ ଭାଜପାରୁ ଇରାନୀ ରାୟ ଚେୟାରମ୍ୟାନ ପ୍ରାର୍ଥୀ ହୋଇ ପାରନ୍ତି ବୋଲି ଚର୍ଚ୍ଚା ହେଉଛି ।

ରଣପୁର ଏନ୍‌ଏସିରେ ବି ପ୍ରାର୍ଥୀ ଚୟନ ସମସ୍ୟା ସବୁ ଦଳରେ ଲାଗି ରହିଛି । ଟିକେଟ୍ ନ ପାଇବା ଚିନ୍ତାରେ ରଣପୁର ଏନ୍‌ଏସିର ପୂର୍ବତନ ଭାଇସ୍ ଚେୟାରମ୍ୟାନ ପ୍ରିୟବ୍ରତ ପ୍ରହରାଜ ସ୍ୱାଧୀନ ଭାବେ ଚେୟାରମ୍ୟାନ ପଦବୀ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ବିଜେଡି ଏଠାରେ କାହାକୁ ଟିକେଟ୍ ଦେଇ ନ ଥିବା ବେଳେ ସ୍ୱରାଜ ମହାନ୍ତିଙ୍କ ନାମ ଚର୍ଚ୍ଚାରେ ରହିଛି । ଏଣୁ ପ୍ରିୟବ୍ରତ ବିଜେଡି ଟିକେଟକୁ ଅପେକ୍ଷା ନ କରି ଆଗୁଆ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ବିଜେଡିରେ ପ୍ରାରମ୍ଭରୁ ବିଦ୍ରୋହ ଦେଖାଦେଇଛି ବୋଲି ସୂଚନା ମିଳିଛି। ଅନ୍ୟପକ୍ଷେ କଂଗ୍ରେସ ଓ ଭାଜପାରୁ ଚେୟାରମ୍ୟାନ ଓ କାଉନସିଲର ପଦବୀ ପାଇଁ ପ୍ରାର୍ଥୀ ଚୟନ ହୋଇପାରିନାହିଁ।

ଦଶପଲ୍ଲା ଏନଏସିରେ କଂଗ୍ରେସ,ବିଜେଡି ଓ ଭାଜପା ପକ୍ଷରୁ କାଉନସିଲର ଓ ଚେୟାରମ୍ୟାନ ପାଇଁ କାହାରିକୁ ଟିକେଟ୍ ଦିଆଯାଇନାହିଁ। ଚେୟାରମ୍ୟାନ ଓ କାଉନସିଲର ପଦବୀ ପାଇଁ ବିଜେଡିରୁ ଅନେକ ଆଶାୟୀ ଅଛନ୍ତି। ହେଲେ ଟିକେଟ ମିଳିବାରେ ସମୟ ଗଡି ଚାଲିଛି । ୭ ତାରିଖ ପ୍ରାର୍ଥୀପତ୍ର ଦାଖଲର ଶେଷ ଦିବସ ଥିବାରୁ ଆଶାୟୀଙ୍କ ଲବି ବଢ଼ି ଚାଲିଛି । ଏଠାରେ ଜଣେ କାଉନସିଲର ପ୍ରାର୍ଥୀ କେବଳ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି ।

ସେହିପରି ଖଣ୍ଡପଡା ଏନଏସିରେ ଶାସକଦଳକୁ ବିଦ୍ରୋହୀ ପ୍ରାର୍ଥୀ ଭୟ ଘାରିଛି। ଏଣୁ ପ୍ରାର୍ଥୀ ଚୟନ ଜାଣିଶୁଣି ବିଳମ୍ବ କରାଯାଉଛି । ତେବେ ଚେୟାରମ୍ୟାନ ପାଇଁ ପ୍ରାର୍ଥୀ ଚୟନକରି ପ୍ରାର୍ଥୀପତ୍ର ଦାଖଲ କରିବାରେ ଭାଜପା ଆଗରେ ରହିଛି । ରବିବାର ଭାଜପା ଓ ସ୍ୱାଧୀନରୁ ୨ଜଣ ଓ ୭ଜଣ କାଉନସିଲର ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । କଂଗ୍ରେସକୁ ପ୍ରାର୍ଥୀ ମିଳୁ ନ ଥିବା ଚର୍ଚ୍ଚା ହେଉଛି ।



ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଜଣେ ଭାଜପା ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରୁଛନ୍ତି ।

### ଜଣେ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କଲେ

**ଦଶପଲ୍ଲା,୬।୩ (ଡି.ଏନ.ଏ.)**

ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାଚନ ନିମନ୍ତେ ରବିବାର ୩ ନମ୍ବର ୱାର୍ଡରୁ ଜଣେ ମହିଳା ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ୫ମ ଦିବସ ସୁଦ୍ଧା କାଉସିଲର ନିମନ୍ତେ ୭୩ ଜଣ ଏବଂ ଚେୟାରମ୍ୟାନ ପଦବୀ ପାଇଁ ୨ ଜଣ ଫର୍ମ ନେଇଛନ୍ତି । ସୋମବାର ପ୍ରାର୍ଥୀପତ୍ର ଦାଖଲର ଅନ୍ତିମ ଦିବସ ଥିବାରୁ ଆଶାୟୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି ।

### ଘୁମୁସର ବରିଷ୍ଠ ନାଗରିକ ମଞ୍ଚ ବୈଠକ

**ଭଞ୍ଜନଗର,୬।୩ (ଡି.ଏନ.ଏ.)**

ଘୁମୁସର ବରିଷ୍ଠ ନାଗରିକ ମଞ୍ଚ ସଭାପତି ସୋମନାଥ ନାୟକଙ୍କ ବାସଭବନରେ ରବିବାର ମଞ୍ଚର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଘୁମୁସର ଜିଲା ଆନ୍ଦୋଳନ ତ୍ୱରାନ୍ୱିତ ହୋଇପାରୁନି। ପୌର ନିର୍ବାଚନ ପରେ ମଞ୍ଚ ପକ୍ଷରୁ ଜିଲା ଆନ୍ଦୋଳନକୁ ଜୋରଦାର କରାଯିବ। ଏଥିସହ ଆଗାମୀ ଦିନରେ ନୂତନ କର୍ମକର୍ତ୍ତା ନିର୍ବାଚନ ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଉପରେ ବୈଠକରେ ଆଲୋଚନା ହୋଇଥିଲା।

### ମାଣିଆକାଟି ବିଦ୍ୟାଳୟରେ ହୀରକ ଜୟନ୍ତୀ

**ସୋରଡା,୬।୩(ଡି.ଏନ୍.ଏ.):** ସୋରଡ଼ା ବ୍ଲକ ମାଣିଆକାଟି ଗ୍ରାମ ପ୍ରାଥମିକ ବିଦ୍ୟାଳୟର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ହୀରକ ଜୟନ୍ତୀ ସମାରୋହ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ତଥା ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡା. ଶିବପ୍ରସାଦ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରସନ୍ନ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ଏବିଇଓ ସୁଶିଳା ପାତ୍ର, ଅଭିମନ୍ୟୁ ସାହୁ, ସିଆର୍‌ସି ଅଶୋକ କୁମାର ନାୟକ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ପୁରାତନ ଅନୁଭୂତି ତଥା ମାଣିଆକାଟି ବିଦ୍ୟାଳୟରୁ କୁଳପତି ପର୍ଯ୍ୟନ୍ତ ଜୀବନ ଯାତ୍ରା ଉପରେ ଆଧାରିତ ଅଧିକାରୀ ନିଜେ ଲେଖିଥିବା ୩ ପୁସ୍ତକକୁ ଉନ୍ମୋଚନ କରଯାଇଥିଲା। ଶିକ୍ଷା ହିଁ ମଣିଷର ଜୀବନ ଦର୍ଶନକୁ ଆଗେଇ ନେଇଥାଏ ବୋଲି ଅଧାପକ ରଞ୍ଜନ ପଟ୍ଟଜୋଶୀ, ଶଙ୍କର ଅଧିକାରୀ, ଡା.ଦେବୀ ପ୍ରସାଦ ପଟ୍ଟନାୟକ, ଡାକ୍ତର ଉମାଶଙ୍କର ପାଣିଗ୍ରାହୀ, ସିଆର୍‌ସି ରାଧାମୋହନ ସାହୁ ନିଜ ନିଜ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ଅଧିକାରୀ ବିଜ୍ଞାନ ସମ୍ପର୍କିତ ବହୁ ପୁସ୍ତକ ବିଦ୍ୟାଳୟକୁ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରଦାନ କରିଥିଲେ।

# ଅଧ୍ୟକ୍ଷା ପଦ ପାଇଁ ୨ ପ୍ରାର୍ଥୀପତ୍ର ଦାଖଲ

**ଖଣ୍ଡପଡ଼ା ଏନ୍‌ଏସି ନିର୍ବାଚନ**
■ ୭ କାଉନସିଲ ପ୍ରାର୍ଥୀଙ୍କ ନାମାଙ୍କନ

**ଖଣ୍ଡପଡ଼ା,୬।୩ (ସ୍ୱ.ପ୍ର.)**

ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲର ୫ମ ଦିବସରେ ୨ଜଣ ଅଧ୍ୟକ୍ଷା ଓ ୭ଜଣ କାଉନସିଲର ପଦ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ଏନଏସି ଅଧ୍ୟକ୍ଷା ଆସନ ମହିଳାଙ୍କ ନିମନ୍ତେ ସଂରକ୍ଷିତ ରହିଛି । ବରିଷ୍ଠ ନେତ୍ରୀ ବିନୋଦିନୀ ମହାନ୍ତି ସ୍ୱାଧୀନ ପ୍ରାର୍ଥୀ ଭାବେ ଅଧ୍ୟକ୍ଷା ପଦ ପାଇଁ ଖଣ୍ଡପଡ଼ା ତହସିଲ କାର୍ଯ୍ୟାଳୟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ସେହିପରି ଭାଜପା ପ୍ରାର୍ଥୀନି ଭାବେ ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷା ତୃପ୍ତିରାଣୀ ମିଶ୍ର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ୨ନଂ. ୱାର୍ଡର ସ୍ୱାଧୀନ ପ୍ରାର୍ଥୀନୀ ଭାବେ ଅମିତା ସେଠୀ କାନସିଲର ପଦ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ୫ନଂ, ୱାର୍ଡ କାଉନସିଲର ପଦ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ସୁକାନ୍ତ ଜେଠ, କଂଗ୍ରେସ ପ୍ରାର୍ଥୀ ଭାବେ ବିଶ୍ୱାତ୍ମା ମହାନ୍ତି, ଭାଜପା ପ୍ରାର୍ଥୀ ଭାବେ ଶ୍ୟାମ ସୁନ୍ଦର ରାମ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ୭ନଂ. ୱାର୍ଡ କାଉନସିଲର ପଦ ପାଇଁ କଂଗ୍ରେସରୁ ନିରଞ୍ଜନ ନାୟକ, ସ୍ୱାଧୀନ ପ୍ରାର୍ଥୀ ଭାବେ ସିଲୁ ମୁଖୀ ଓ ୧୧ ନଂ. ୱାର୍ଡରୁ କାଉନସିଲର ପଦ ପାଇଁ ଭାଜପା ପ୍ରାର୍ଥୀନୀ କୁନି ଦାସ ପ୍ରାର୍ଥୀପତ୍ର ଦାଖଲ କରିଥିବା ପୌର ନିର୍ବାଚନ ଅଧିକାରୀ ତଥା ତହସିଲଦାର ପାର୍ଥ ସାରଥୀ ହାଁସଦା ସୂଚନା ଦେଇଛନ୍ତି।





ଅଧ୍ୟକ୍ଷା ପଦବୀ ପାଇଁ ବିନୋଦିନୀ ମହାନ୍ତି ଓ ତୃପ୍ତିରାଣୀ ମିଶ୍ର ଖଣ୍ଡପଡ଼ା ତହସିଲ କାର୍ଯ୍ୟାଳୟରେ ନାମାଙ୍କନପତ୍ର ଦାଖଲ କରୁଛନ୍ତି ।

### ଚୂଡ଼ାନ୍ତ ହୋଇପାରୁନି ବିଜେଡି ପ୍ରାର୍ଥୀ ତାଲିକା

**ଖଣ୍ଡପଡ଼ା,୬।୩ (ସ୍ୱ.ପ୍ର.)**

ପୌର ନିର୍ବାଚନ ପାଇଁ ପ୍ରାର୍ଥୀ ଚୟନ ପ୍ରକ୍ରିୟାରେ ଶାସକ ବିଜେଡି ଦଳ ପଛରେ ପଡିଛି । ସୋମବାର ପ୍ରାର୍ଥୀପତ୍ର ଦାଖଲର ଶେଷ ଦିବସ । ଅଦ୍ୟାବଧି ବିଜେଡି ପକ୍ଷରୁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇନାହିଁ । ଫଳରେ ଆଶା, ଆଶଙ୍କାରେ ଆଶାୟୀ ପ୍ରାର୍ଥୀମାନେ ଅପେକ୍ଷା କରିଛନ୍ତି । କେତେଜଣ ଆଶାୟୀ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ ଲାଗି ସମସ୍ତ ଆନୁସଙ୍ଗିକ କାଗଜପତ୍ର ପ୍ରସ୍ତୁତ କରି ଅପେକ୍ଷା କରିଛନ୍ତି ।

### ଭାଜପାରେ ଯୋଗଦେଲେ ତୃପ୍ତିରାଣୀ

**ଖଣ୍ଡପଡ଼ା,୬।୩ (ସ୍ୱ.ପ୍ର.)**

କଂଗ୍ରେସ ସଙ୍ଗଠନ ଦୁର୍ବଳ ହେବାରେ ଲାଗିଛି । ଏପରି ସ୍ଥିତିରେ ଦଳ ଛାଡ଼ିଛନ୍ତି ତୃପ୍ତିରାଣୀ ମିଶ୍ର । ସେ ଖଣ୍ଡପଡ଼ା ଏନଏସି ଅଧ୍ୟକ୍ଷା ଥିଲେ । ରବିବାର ସେ କଂଗ୍ରେସ ହାତ ଛାଡି ଭାଜପାରେ ଯୋଗଦେଇଛନ୍ତି। ଭାଜପାରେ ଯୋଗଦେବା ପରେ ଦଳ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ଖଣ୍ଡପଡ଼ା ଏନଏସି ଅଧ୍ୟକ୍ଷା ପଦବୀ ପାଇଁ ଦଳୀୟ ଟିକେଟ ପ୍ରଦାନ କରିଛି । ଭାଜପା ପ୍ରାର୍ଥୀନି ଭାବେ ତୃପ୍ତିରାଣୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ପୌର ନିର୍ବାଚନରେ ଖଣ୍ଡପଡ଼ା ସହରବାସୀ ଭାଜପାକୁ ବିପୁଳ ସମର୍ଥନ ଦେବେ ବୋଲି ତୃପ୍ତିରାଣୀ ପ୍ରକାଶ କରିଛନ୍ତି ।

# ଗ୍ରାମ୍ୟ ଜଙ୍ଗଲରେ ରାସ୍ତା ନିର୍ମାଣକୁ ବିରୋଧ କରିବାରୁ ଆକ୍ରମଣ

■ ଆହତ ଯୁବକ ଡାକ୍ତରଖାନାରେ ଭର୍ତ୍ତି
■ ପୋଲିସ ତଦନ୍ତ ଜାରି

**ନୂଆଗାଁ,୬।୩ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ଥାନା ସିକ୍ରିଡା ପଞ୍ଚାୟତ ଅମେଇମୁହାଁ ଗ୍ରାମ୍ୟ ଜଙ୍ଗଲରେ ରାସ୍ତା ନିର୍ମାଣକୁ ବିରୋଧ କରିବାରୁ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି । ଏ ସଂକ୍ରାନ୍ତରେ ରବିବାର ନୂଆଗାଁ ଥାନାରେ ଅଭିଯୋଗ ହେବାପରେ ପୋଲିସ ଏକ ମାମଲା(ନଂ.୪୩/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି । ନୂଆଗାଁ ଥାନା ସିକ୍ରିଡା ପଞ୍ଚାୟତ ଅମେଇମୁହାଁ ଗ୍ରାମର ବିଜୟ କୁମାର ପ୍ରଧାନ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ଫତେଗଡ଼ ଥାନା ଅଞ୍ଚଳର କ୍ରସର ମାଲିକ ବିଶ୍ୱରଞ୍ଜନ ପ୍ରଧାନ ଅମେଇମୁହାଁ ଗ୍ରାମ ଜଙ୍ଗଲରେ ମେଶିନ ଦ୍ୱାରା କ୍ରସରକୁ ରାସ୍ତା ନିର୍ମାଣ କରୁଥିଲେ । ଏ କଥା ଜଣାପଡିବା ପରେ ଗ୍ରାମବାସୀ ବିରୋଧ କରିଥିଲେ । ଏଥିରେ ଉତ୍କ୍ଷିପ୍ତ ହୋଇ ସିକ୍ରିଡା ଗ୍ରାମର ସୁଶାନ୍ତ କୁମାର ନାୟକଙ୍କ ସମେତ ୪ ଜଣ ମିଶି ଗ୍ରାମବାସୀଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ଏହି ଘଟଣାକୁ କେନ୍ଦ୍ରକରି ସୁଶାନ୍ତ ବିଜୟଙ୍କ ଭାଇ ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ମୁଣ୍ଡକୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ । ଏଥିରେ ଅନ୍ତର୍ଯ୍ୟାମୀ ଚେତାଶୂନ୍ୟ ହୋଇପଡିଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି ।



ଆହତ ଅନ୍ତର୍ଯ୍ୟାମୀ ପ୍ରଧାନ ।

# ୯ ଗୋରୁ ଉଦ୍ଧାର, ପିକ୍‌ଅପ୍ ଭ୍ୟାନ୍ ଜବତ

**ଚାଳକଙ୍କୁ ଗିରଫ କଲା ଓଡ଼ଗାଁ ପୋଲିସ**

**ଓଡ଼ଗାଁ,୬।୩ (ସ୍ୱ.ପ୍ର.)**

ଓଡ଼ଗାଁ ଆଦର୍ଶ ଥାନା ପୋଲିସ ପାଣ୍ଡେରିପଡ଼ା ପଞ୍ଚାୟତ ଭାଲିଆଡ଼ିହି ଗ୍ରାମରେ ଶନିବାର ଭୋର ସମୟରେ ଅଚାନକ ଚଢ଼ାଉ କରି ଜଣେ ଗୋଚାଲାଣକାରୀଙ୍କୁ ଗିରଫ କରିଛି । ଅଭିଯୁକ୍ତଙ୍କ ନାମ ସାହାବୁଦ୍ଦିନ ଖାଁ(୨୭)। ଏହି ଘଟଣାରେ ଏକ ପିକ୍‌ଅପ୍ ଭ୍ୟାନ୍(ନଂ.ଓଡି ୦୫ ଏଚ୍ ୪୮୯୨) ଜବତ ସହିତ ଚାଲାଣ ହେବାକୁ ଥିବା ୯ ଗୋରୁକୁ ପୋଲିସ ନିଜ ହେପାଜତକୁ ନେଇ ଖଣ୍ଡପଡ଼ା ଗୋ ଆଶ୍ରମକୁ ପଠାଇଛି । ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା(ନଂ.୩୯/୨୦୨୨) ରୁଜୁ କରି ସାହାବୁଦ୍ଦିନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଜବତ ଭ୍ୟାନ୍ ମାଲିକ ଓ ଗିରଫ ଚାଳକଙ୍କ ଘର କଟକ ବୋଲି ଆଇଆଇସି ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତ କହିଛନ୍ତି ।

# ବଳାତ୍କାରୀ କୋର୍ଟ ଚାଲାଣ

**ବ୍ରହ୍ମପୁର ଅଫିସ,୬।୩**

ଜଣେ ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ବ୍ରହ୍ମପୁର ସଦର ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଉଛନ୍ତି ଆଙ୍କୁଶପୁର ଗ୍ରାମର ବୁଦ୍ଧିଆ ମହାରଣା (୨୭)। ପୋଲିସ ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରିଛି। ସେହିପରି ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି। ବୁଦ୍ଧିଆ ଜଣେ ଯୁବତୀଙ୍କୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ତାଙ୍କୁ ଏକ ଘର ଭଡା ନେଇ ରଖିଥିଲେ। ସେଠାରେ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଯୁବତୀ ଜଣଙ୍କ ବୁଦ୍ଧିଆଙ୍କୁ ବିବାହ କରିବା ପାଇଁ କହିବାରୁ ସେ ତାଙ୍କୁ ନାନା ପ୍ରକାର ଧମକଚମକ ଦେବା ସହ ପ୍ରତାରଣା କରିଥିଲେ ବୋଲି ପୀଡ଼ିତା ସଦର ଥାନାରେ ଦେଇଥିବା ଏତଲାରେ ଦର୍ଶାଇଛନ୍ତି ।

# ଚେତନା ସଚେତନତା ରଥ ପରିକ୍ରମା

**ଦଶପଲ୍ଲା,୬।୩ (ଡି.ଏନ.ଏ.)**

ଶ୍ରୀମା,ଶ୍ରୀଅରବିନ୍ଦଙ୍କ ଚେତନା ସଚେତନତା ରଥ ଭୁବନେଶ୍ୱରରୁ ବାହାରି ସମଗ୍ର ଓଡ଼ିଶା ବୁଲିବ । ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଉତ୍ତରକବାଟ ସାହି କୋଠଘରଠାରେ ଅନୁଷ୍ଠିତ ହୋଇଥିଲା । ପୁରୁଷୋତ୍ତମ ଡାକୁଆଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉକ୍ତ ବୈଠକରେ ଦଶପଲ୍ଲାରେ ସେହି ରଥକୁ ଭବ୍ୟ ସ୍ୱାଗତ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ସେଥିପାଇଁ ସହଯୋଗ କରିବା ଲାଗି ସମସ୍ତଙ୍କୁ ଅନୁରୋଧ କରାଯାଇଥିଲା। ପାଠଚକ୍ର ପରିବାରକୁ ଏଥିରେ ସାମିଲ ପାଇଁ ମତ ପ୍ରକାଶ ପାଇଥିଲା। ଏହି ବୈଠକରେ ସରୋଜ କୁମାର ମିଶ୍ର,ସୁଶାନ୍ତ କୁମାର ରଣା,ମାନସ ରଞ୍ଜନ ସାହୁ,ଭଗବାନ ଦେହୁରୀ,ଗିରିଶ ଚନ୍ଦ୍ର ରଣା,ଅଜୟ କୁମାର ବେହେରା, ସୁଜାତା ଭୂୟାଁ,ସବିତା ଭୂୟାଁ,ରାଜଲକ୍ଷ୍ମୀ ସିଠ,ଲିପିନା ସିଠ,ସୁକାନ୍ତି ରଣା, ପ୍ରଫୁଲ୍ଲ କୁମାର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ଏହି ରଥଯାତ୍ରାକୁ ରାଜ୍ୟପାଳ ପ୍ରଫେସର ଡ.ଗଣେଶୀ ଲାଲ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି ।

# ଚମ୍ପେଶ୍ୱର ଟିମ୍ ବିଜୟୀ

**ଗୋକୁଳାନନ୍ଦ ସ୍ପୋର୍ଟସ କ୍ରିକେଟ୍**

**ଖଣ୍ଡପଡ଼ା,୬।୩ (ସ୍ୱ.ପ୍ର.)**

ସିଧାମୂଳା ଗୋକୁଳାନନ୍ଦ ସ୍ପୋର୍ଟସ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ଏମ୍‌ଇ ସ୍କୁଲ ଖେଳ ପଡିଆଠାରେ ଚାଲିଥିବା ଟି-୨୦ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ରବିବାର ଶେଷ ହୋଇଛି । ଚମ୍ପେଶ୍ୱରର ଫୋରସି କ୍ରିକେଟ ଟିମ୍ ୯ଉଇକେଟରେ ଫତେଗଡ଼ର ସଦାଶିବ କ୍ରିକେଟ ଟିମ୍‌କୁ ହରାଇ ବିଜୟୀ ହୋଇଛି । ଫତେଗଡ଼ ଟିମ୍ ପ୍ରଥମେ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୯୦ ରନ ସଂଗ୍ରହ କରିଥିଲା । ଏହାର ଜବାବରେ ଚମ୍ପେଶ୍ୱର କ୍ରିକେଟ କ୍ଲବ୍ ୯୧ରନ ବିଜୟ ଲକ୍ଷ୍ୟକୁ ପିଛାକରି ମାତ୍ର ୬ ଓଭରରେ ଗୋଟିଏ ଉଇକେଟ ବିନିମୟରେ ନିର୍ଦ୍ଧାରିତ ରନ ସଂଗ୍ରହ କରି ବିଜୟୀ ହୋଇଥିଲା । ଏହି ମ୍ୟାଚ୍‌କୁ ବିଜୟ ମହାଲିକ ଓ ସନାତନ ବେହେରା ପରିଚାଳନା କରିଥିଲେ । ସିଧାମୂଳା ଗୋକୁଳାନନ୍ଦ ଜୀଉ ବିଦ୍ୟାମନ୍ଦିରର ବିଜ୍ଞାନ ଶିକ୍ଷକ ଗଣେଶ ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।



ଅତିଥିଙ୍କ ଗହଣରେ ୨ ଟିମ୍‌ର ଖେଳାଳି।

# ନିଆଁରେ ପୋଡୁଛି ରାସ୍ତାପାର୍ଶ୍ୱ ଗଛ

■ ୭୦ରୁ ଊର୍ଦ୍ଧ୍ୱ ଗଛ ଜଳି ଗଲାଣି
■ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଚିନ୍ତା ନାହିଁ
■ ଗଛ ମୂଳେ ଗଦା ହେଉଛି ପାଳ, ଆବର୍ଜନା

**ନୟାଗଡ଼ ଅଫିସ, ୬।୩**

ଶରଣକୂଳ-ଓଡ଼ଗାଁ ରାସ୍ତାପାର୍ଶ୍ୱରେ ବନବିଭାଗ ପକ୍ଷରୁ ବିଭିନ୍ନ ଚାରା ରୋପଣ କରାଯାଇଥିଲା । ହେଲେ ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ତାହା ପଦା ହେବାକୁ ବସିଛି । ରାସ୍ତାପାର୍ଶ୍ୱରେ ପାଳ ଓ ଆବର୍ଜନା ଗଦା ଦେଉଛି । ଲୋକମାନେ ସେଥିରେ ନିଆଁ ଲଗାଇ ଦେବାରୁ ଗଛଗୁଡ଼ିକ ପୋଡ଼ି ଯାଉଛି । ଗତ ୬ମାସ ମଧ୍ୟରେ ୭୦ରୁ ଊର୍ଦ୍ଧ୍ୱ ଗଛ ଏହି କାରଣରୁ ପୋଡ଼ିଛି ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି । ଆଉ କେତେକ ଗଛକୁ ଗୃହପାଳିତ ପଶୁମାନେ ଖାଇ ନଷ୍ଟ କରି ଦେଉଛନ୍ତି । ଏ ସଂକ୍ରାନ୍ତରେ ଆବଶ୍ୟକ ପ୍ରତିକାର ବ୍ୟବସ୍ଥା ନ ଥିବାରୁ ରାସ୍ତାପାର୍ଶ୍ୱ ଏବେ ବୃକ୍ଷଶୂନ୍ୟ ହୋଇପଡିଛି ।

ସୂଚନା ଅନୁଯାୟୀ, ପ୍ରାୟ ୧ବର୍ଷ ତଳେ ଶରଣକୂଳ-ଓଡ଼ଗାଁ ରାସ୍ତାପାର୍ଶ୍ୱରେ ବନୀକରଣ କରାଯାଇଥିଲା । ପ୍ରାୟ ୧ ହଜାର ଚାରା ରାସ୍ତାପାର୍ଶ୍ୱରେ ରୋପଣ କରାଯାଇଥିଲା । ହେଲେ ବନବିଭାଗ ଚାରା ରୋପଣ ପରେ ଚୁପ୍ ହୋଇ ବସିଥିଲା । ଫଳରେ ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ବହୁ ଚାରା ଆବଶ୍ୟକ ପାଣି ଓ ଯତ୍ନ ଅଭାବରୁ ନଷ୍ଟ ହୋଇଯାଇଥିଲା। ଅବଶିଷ୍ଟ ଚାରା ଶାଖାପ୍ରଶାଖା ମେଲାଇ ବଢ଼ିବାକୁ ଲାଗିଥିଲା । ହେଲେ ଶରଣକୂଳ-ଓଡ଼ଗାଁ ରାସ୍ତାରେ ଥିବା ପାଳ ଓ ଧାନଗଦା ସେହି ଗଛଗୁଡ଼ିକ ପାଇଁ କାଳ ହୋଇଛି। ଏବେ ପାଳ ଓ ନଡାର ଚାହିଦା ନାହିଁ। ଫଳରେ ଚାଷୀଙ୍କ ସହିତ ସ୍ଥାନୀୟ ଲୋକମାନେ ପାଳକୁ ରାସ୍ତାପାର୍ଶ୍ୱରେ ଗଦା କରି ନିଆଁ ଲଗାଇ ଦେଉଛନ୍ତି । ସେହି ନିଆଁରେ ଗଛଗୁଡ଼ିକ ଜଳି ଯାଉଛି । ସେହିପରି ରାସ୍ତାପାର୍ଶ୍ୱରେ ଲୋକମାନେ ଅଳିଆ ଆବର୍ଜନା ଜମା କରୁଛନ୍ତି । ସେହି ଆବର୍ଜନା ଶୁଖିଯିବା ପରେ ସେଥିରେ ନିଆଁ ଲଗାଇ ପୋଡ଼ିଦେବାକୁ ଉଚିତ୍ ମଣୁଛନ୍ତି । ହେଲେ ଏହାଦ୍ୱାରା କେତେ ଗଛ ଜଳି ଯାଉଛି ସେଥିପ୍ରତି ସେମାନେ ସଚେତନ ନୁହନ୍ତି । ଅପରପକ୍ଷେ ଗତ ବର୍ଷ ଲାଗିଥିବା ଗଛର ଅଟେଇଗୁଡ଼ିକ ଉପରକୁ ଟେକା ଯାଉନି । ଏଣୁ ସେହି ଗଛକୁ ଗୋରୁ ଖାଇ ନଷ୍ଟ କରୁଛନ୍ତି । ବନବିଭାଗ, ଜିଲା ପ୍ରଶାସନ ଓ ସ୍ଥାନୀୟ ଲୋକମାନେ ଗଛ ପୋଡ଼ି ରୋକିବା ପାଇ ପଦକ୍ଷେପ ନ ନେଲେ ରାସ୍ତାପାର୍ଶ୍ୱ ବୃକ୍ଷଶୂନ୍ୟ ହୋଇଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି । ଏନେଇ ପରିବେଶବିତ୍ ବିଭୂ ପ୍ରସାଦ ଦାଶ କୁହନ୍ତି, ଗଛ ଲଗାଇବାକୁ ସମସ୍ତଙ୍କ ଆଗ୍ରହ ରହିଛି। କିନ୍ତୁ ଏହାର ରକ୍ଷଣାବେକ୍ଷଣ କରିବାକୁ କାହାରି ଆନ୍ତରିକତା ନାହିଁ । ଏଣୁ ଗଛଗୁଡିକ ନିଆଁଲାଗି ଅଥବା ଗୃହପାଳିତ ପ୍ରାଣୀଙ୍କ ଦ୍ୱାରା ନଷ୍ଟ ହେଉଛି । ଏହାକୁ ଅଣଦେଖା କଲେ ସମସ୍ତଙ୍କ ପାଇଁ ବିପଦ ବୋଲି ସେ ସତର୍କ କରାଇ ଦେଇଛନ୍ତି ।



ପୋଡ଼ିଯାଇଥିବା ରାସ୍ତାପାର୍ଶ୍ୱ ଗଛ ।